## ୩୬ ତମ ବାର୍ଷିକ ବାଦିପାଲା ମହୋତ୍ସବ



**ଭୁବନ, ୪।୫ (ସମିସ) :** ଭୁବନ ଏନଏସି ଅନ୍ତର୍ଗତ ଗାୟତ୍ରୀ ପାଲା ମଣ୍ଡପଠାରେ ସତ୍ୟନାରାୟଣ ପୂଜା କମିଟି ଆନୁକୂଲ୍ୟରେ ୩୬ ତମ ବାର୍ଷିକ ବାଦିପାଲା ମହୋତ୍ସବ ଆରମ୍ଭ ହୋଇଛି । ଏହି ବାଦିପାଲା ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଗାୟକ ସତ୍ୟ ନାରାୟଣ ଜେନା ଏବଂ ଜୟକୃଷ୍ଣ ବଡ଼ଦଳେଇ ପାଲା ପରିବେଷଣ କରୁଛନ୍ତି । ସନ୍ଧ୍ୟା ୭ ଘଟିକା ଠାରୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ବାଦିପାଲା ଦେଖିବାକୁ ପ୍ରବଳ ଜନସମାଗମ ହେଉଛି । ସତ୍ୟ ନାରାୟଣ ପୂଜା କମିଟି ତରଫରୁ ଏହି କାର୍ଯ୍ୟକ୍ରମକୁ ହୃଷୀକେଶ ସାହୁ, ନରେନ୍ଦ୍ର କୁମାର ସାହୁ, ଯୁବରାଜ ସାଥୁଆ ମହାପାତ୍ର, ବ୍ରହ୍ମାନନ୍ଦ ସାହୁ, ରତିକାନ୍ତ ସାହୁ, ଅଜୟ କୁମାର ସେଠୀ, ସୁରେଶ କୁମାର ସାହୁ, ଲଳିତ ମିଶ୍ର, ପୂର୍ଣ୍ଣାନନ୍ଦ ମିଶ୍ର, ବିଶ୍ୱନାଥ ସାହୁ ପ୍ରମୁଖ ସହଯୋଗ କରୁଛନ୍ତି ।

## ସାମ୍ବାଦିକଙ୍କ ପିତୃବିୟୋଗ

**ଓଡାପଡ଼ା, ୪।୫ (ସମିସ) :** ଓଡାପଡ଼ା ବ୍ଲକ କଣ୍ଟାବଣିଆ ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ପୂର୍ବତନ ବିଦ୍ୟୁତ ବିଭାଗ କର୍ମଚାରୀ ତଥା କଣ୍ଟାବଣିଆ



ଅଞ୍ଚଳର ଦୈନିକ ଖବରକାଗଜ 'ସମ୍ବାଦ'ର ପ୍ରତିନିଧି ଜୟନ୍ତ କୁମାର ନାଥଙ୍କ ପିତା ସଦାନନ୍ଦ ନାଥ ମୃତ୍ୟୁବରଣ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୮୯ ବର୍ଷ ହୋଇଥିଲା । ଦୀର୍ଘଦିନ ହେଲା ସେ ବାର୍ଦ୍ଧକ୍ୟ ଜନିତ ଶଯ୍ୟାଶାୟୀ ଥିଲେ । ଆଜି ମଧ୍ୟାହ୍ନଭୋଜନ ପରେ ହଠାତ ଆଖି ବୁଜିଦେଇଥିଲେ । ସେ ପୂର୍ବରୁ ଓଡ଼ିଶା ବିଦ୍ୟୁତ ବିଭାଗର ଅନୁଗୋଳ ଜିଲ୍ଲା ବଅଁରପାଳ ସେକ୍ସନ ଅଫିସରେ କାର୍ଯ୍ୟରତ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସହଧର୍ମିଣୀଙ୍କ ସମେତ ତିନି ପୁଅବୋହୂ, ଝିଅଜ୍ୱାଇଁ ଓ ସମସ୍ତ ନାତିନାତୁଣୀ ଉପସ୍ଥିତ ଥିଲେ । ପରିବାର ତଥା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ କରାଯାଇଛି । ବଡ଼ପୁଅ ଅକ୍ଷୟ କୁମାର ନାଥ ମୁଖାଗ୍ନି ଦେଇଥିଲେ ।

## ସିଦ୍ଧ ବଳଦେବଜୀଉଙ୍କ ବିଶେଷ ପୂଜା

**ଢେଙ୍କାନାଳ, ୪।୫ (ସମିସ) :** ସ୍ଥାନୀୟ କୈବଲ୍ୟ ବଜାର ସ୍ଥିତ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ବରୁଥିନୀ ଏକାଦଶୀ ତିଥି ଥିବାରୁ ବିଶେଷ ପୂଜାର୍ଚ୍ଚନା କରାଯାଇଛି । ପ୍ରାତଃରୁ ମଙ୍ଗଳ ଆଳତି, ମହାସ୍ନାନ, ବସ୍ତ୍ର, ଫୁଲ ହାର, ତୁଳସୀ ହାର, ବଲ୍ଲଭ ଭୋଗ ଲାଗି କରାଯାଇଥିଲା । ମଧ୍ୟାହ୍ନରେ ଅନ୍ନ, ଧୂପ ସନ୍ଧ୍ୟାରେ ଆଳତି ରାତ୍ରରେ ରାତ୍ର ଧୂପ, ଏକାଦଶୀ ବେଢ଼ା, ମହାଦୀପ ଉଠିବା ପରେ ପହଡ଼ ପଡ଼ିବ । ପୂଜକ ଶ୍ରୀବତ୍ସ



ମିଶ୍ର, ପାଳିଆସେବକ ସମ୍ଭୁନାଥ ମହାପାତ୍ର, ପାଳିଆ ସେବକ ବ୍ରଜମୋହନ ମହାପାତ୍ର, କାହାଳିଆ ଟିକନ ବେହେରା ଓ ଜାମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତରେ ଏହି ବରୁଥିନୀ ଏକାଦଶୀ ନୀତି ପାଳିତ ହୋଇଯାଇଛି ।

### ଢେଙ୍କାନାଳ ଲୋକସଭା କ୍ଷେତ୍ର

## ଜିନେସ ସାହୁ ପ୍ରଚାର କମିଟି ପର୍ଯ୍ୟବେକ୍ଷକ ନିଯୁକ୍ତ



**ତାଳଚେର, ୪।୫(ସମିସ):** ଓଡ଼ିଶା ପ୍ରଦେଶ କଂଗ୍ରେସ ଓବିସି ପ୍ରଚାର କମିଟି ପକ୍ଷରୁ ଢେଙ୍କାନାଳ ଲୋକସଭା କ୍ଷେତ୍ରରେ ସାଧାରଣ ସମ୍ପାଦକ ଜିନେସ ସାହୁଙ୍କୁ ପ୍ରଚାର କମିଟିର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି । ଚଳିତ ମେ ମାସ ୨୫ ତାରିଖରେ ହେବାକୁ ଥିବା ନିର୍ବାଚନ ପରିପ୍ରେକ୍ଷୀରେ ଶ୍ରୀ ସାହୁ ଢେଙ୍କାନାଳ ଲୋକସଭା କ୍ଷେତ୍ର ତଥା ଏହା ଅଧୀନରେ ଆସୁଥିବା ସମସ୍ତ ବିଧାନସଭା କ୍ଷେତ୍ରର କଂଗ୍ରେସ ପ୍ରାର୍ଥୀଙ୍କ ନିମନ୍ତେ ପ୍ରଚାର ପ୍ରସାର କ୍ଷେତ୍ରରେ ସହଯୋଗ ପ୍ରଦାନ କରିବେ ଏବଂ କଂଗ୍ରେସକୁ ଅଧିକ ମଜଭୁତ କରିବାରେ ସକ୍ଷମ ହେବେ ବୋଲି ଆଶାବ୍ୟକ୍ତ କରାଯାଇଛି ।

# ଆଠମଲ୍ଲିକର ବିଜେପି ନେତାଙ୍କ ବିଜେଡିରେ ଯୋଗଦାନ

### ସଂଗ୍ରାମ ମହାପାତ୍ରଙ୍କ ସମେତ ଶତାଧିକ ସାମିଲ୍

**ଭୁବନେଶ୍ୱର, ୪।୫(ସମିସ)**

ଆଠମଲ୍ଲିକ ନିର୍ବାଚନମଣ୍ଡଳୀର ବିଜେପି ନେତା ସଂଗ୍ରାମ ମହାପାତ୍ରଙ୍କ ସମେତ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଆଜି ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଏବଂ ଆଠମଲ୍ଲିକ ଓ ଅନୁଗୋଳ ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସଂଗ୍ରାମ ମହାପାତ୍ର ଏବଂ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧିଙ୍କୁ ଡକ୍ଟର ପାତ୍ର ଓ ଶ୍ରୀ ସାହୁ ସ୍ୱାଗତ କରିଥିଲେ । ଆଜି ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ସାହୁ କହିଥିଲେ । ଏହି ଅବସରରେ ବିଜେଡିରେ ସାମିଲ୍ ହୋଇଥିବା ବିଜେପି ନେତା ଶ୍ରୀ ମହାପାତ୍ର କହିଲେ, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି । ଦଳରେ ମୋତେ ଏବଂ ମୋ ସହ ଯୋଗ ଦେଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ଏହି ମିଶ୍ରଣ ପର୍ବରେ ରଜକ ଖାନ, ନବାବ ଖାନ, ହଜରତ ଖାନ, ବିଦେଶୀ ନାଏକ, ଅନିଲ ବଡ଼ମାଳି, ବଣ୍ଟି ମାଝୀ, ପ୍ରମୋଦ ଭୋଇ, ଦାନର ଭୋଇ, ଅମୀୟ ପ୍ରଧାନ, ଧନଞ୍ଜୟ ପ୍ରଧାନ, ଦୁଷ୍ମନ୍ତ ଘୋଶଲା, ସୁଶିଳା ବେହେରା, କହ୍ନେଇ ଘୋଶଲା, ଶମ୍ଭୁ ଭୋଇ, ଜୁନା ଘୋଶଲା, ମନୋଜ ପୁତ୍ରା, ରଞ୍ଜୁବାଳା ମେହେର, କାରମାନ ପ୍ରଧାନ, ଶ୍ରୀବତ୍ସ ପ୍ରଧାନ, ମାଧବ ବେହେରା, ନରୋତ୍ତମ ପେଣ୍ଠି, ପଙ୍କଜ ଭୋଇ, ପଙ୍କଜ ବେହେରା, ମଣ୍ଟୁ ମିର୍ଦ୍ଧାଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେପିରେ ସାମିଲ ହୋଇଥିଲେ । ଶେଷରେ ବିଜେଡି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ ।




# ନିର୍ବାଚନ ପାଇଁ ସହରରେ ପୁଲିସର ଫ୍ଲାଗମାର୍ଚ୍ଚ



**କାମାକ୍ଷାନଗର, ୪।୫ (ସମିସ) :** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ସହରରେ ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି । କାମାକ୍ଷାନଗର ଏସଡିପିଓ ସ୍ନେହାଶିଷ ସାହୁଙ୍କ ନେତୃତ୍ୱରେ ଆଜି ଅପରାହ୍ନରେ ଏହି ଫ୍ଲାଗମାର୍ଚ୍ଚ ବାହାରି ସହର ପରିକ୍ରମା କରିଥିଲା । ବିଶେଷ ଭାବରେ ଆସନ୍ତା ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା, ଅବାଧ ନିଶା କାରବାର ଉପରେ ରୋକ ଲଗାଇବା, ବେଆଇନ ଟଙ୍କା ବଣ୍ଟନ ଉପରେ ନଜର ରଖିବା ଇତ୍ୟାଦି ଉପରେ ସଚେତନତା ପାଇଁ ଏହି ଫ୍ଲାଗମାର୍ଚ୍ଚ କରାଯାଇଛି । ଏଥିରେ କାମାକ୍ଷାନଗର ପୁଲିସ ସହ ତ୍ରିପୁରାରୁ ଆସିଥିବା ୮ ସେକ୍ସନ ତ୍ରିପୁରା ଷ୍ଟେଟ ରାଇଫଲର ଟିମ ସହରର ୭.୫ କିଲୋମିଟର ଫୁଟମାର୍ଚ୍ଚ କରି ଲୋକଙ୍କୁ ସଚେତନ କରାଇଥିଲା । ଆଗାମୀ ନିର୍ବାଚନକୁ ଅବାଧ, ମୁକ୍ତ ଓ ସ୍ୱଚ୍ଛତାର ସହ ସମାପନ କରିବା ପାଇଁ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି ।

### ଦଲାଲଙ୍କ କବ୍ଜାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

## ୨, ୫୦୦ ଟଙ୍କା ଲୁଟି ପାର୍; ପୁଲିସ ତଦନ୍ତ ଜାରି

**ଅନୁଗୋଳ, ୪।୫(ସମିସ):** ଦିନକୁ ଦିନ ମାତୁଛନ୍ତି ଦଲାଲ୍ । ନିରୀହ ଲୋକ ଏଥିରେ ଶିକାର ହେଉଛନ୍ତି । ଏଭଳି ଏକ ଅଭିଯୋଗ ଆସିଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ । ଶନିବାର ସକାଳେ ବଇଣ୍ଡା ଫାଣ୍ଡି ଅନ୍ତର୍ଗତ ବଡ଼ହୁଲା ଗ୍ରାମର ଗୋବର୍ଦ୍ଧନ ସାହୁ ତାଙ୍କ ସ୍ତ୍ରୀ ସୁକାନ୍ତି ସାହୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ । ଡାକ୍ତରଙ୍କ ପରାମର୍ଶରେ ରକ୍ତ ପରୀକ୍ଷା କରିବାକୁ ଯାଇଥିବା ବେଳେ ସେଠାରେ ପୂର୍ବରୁ ବସିଥିବା ଏକ ଦଲାଲ୍ ହାବୁଡ଼ରେ ପଡ଼ିଥିଲେ । ଖାଲି ପେଟରେ ପ୍ରଥମ ରକ୍ତ ନମୁନା ଦେବା ପରେ ଘରୁ ଆଣିଥିବା ଖାଦ୍ୟକୁ ଖାଇବା ସମୟରେ ଦଲାଲଟି ତାଙ୍କୁ ବାହାରେ ଥିବା ଏକ ଆମ୍ବ ଗଛ ପାଖରେ ଖାଇବାକୁ କହିଥିଲେ । ସେଠାରେ ସୁକାନ୍ତି ଖାଇବାକୁ ବସିଥିବା ବେଳେ ଗୋବର୍ଦ୍ଧନଙ୍କୁ ଜଳଖିଆ ଖାଇବାକୁ କହି ଡାକ୍ତରଖାନା ବାହାରକୁ ଆସିଥିଲେ । ସେଠାରେ ଗୋବର୍ଦ୍ଧନ ଜଳଖିଆ ଖାଉଥିବା ବେଳେ ଦଲାଲଟି ଟିକେ ଆସୁଛି କହି ସୁକାନ୍ତିଙ୍କ ପାଖକୁ ଆସି 'ମଉସା ପଠାଇଛନ୍ତି ୨୫୦୦ ଟଙ୍କା ଦେଲେ ଔଷଧ ଅଣାହେବ' ବୋଲି କହିଥିଲା । କିନ୍ତୁ ମାଉସୀ ନିରୀହ କିଛି ନ ପଚାରି ୨୫୦୦ ଟଙ୍କା ଦେଇଦେଲେ । ଗୋବର୍ଦ୍ଧନ ଆସିବା ପରେ ଦଲାଲଟି ସେଠାରୁ ଚମ୍ପଟ ମାରିଥିଲା । ଏନେଇ ଗୋବର୍ଦ୍ଧନ ଡାକ୍ତରଖାନା ପରିଚାଳନା କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ ହୋଇଛି । ପୁଲିସ ଡାକ୍ତରଖାନା ଆସି ସିସିଟିଭି ଫୁଟେଜ ନେଇ ତଦନ୍ତ ଜାରି ରଖିଥିବା ଜଣାପଡିଛି ।

### ନୃତ୍ୟକଳା ଭୂଷଣ ବାଲ୍ ପୁରସ୍କାର- ୨୦୨୪

# ଅନୁଗୋଳ ନ୍ୟୁ କ୍ରିଏସନ ଡ୍ୟାନ୍ସ ଏକାଡେମୀ ଛାତ୍ରୀଙ୍କ କୃତିତ୍ୱ



**ଅନୁଗୋଳ, ୪।୫(ସମିସ)**

କଲଚରାଲ ଫାଉଣ୍ଡେସନ ଅଫ ଇଣ୍ଡିଆ ଦ୍ୱାରା ମହାରାଷ୍ଟ୍ରର ନାଗପୁର ଠାରେ ଥିବା ଦିଲ୍ଲୀ ପବ୍ଲିକ ସ୍କୁଲରେ ନୃତ୍ୟ କଳା ଭୂଷଣ ବାଲ ପୁରସ୍କାର ୨୦୨୪ ଆୟୋଜନ କରାଯାଇଥିଲା । ଏଥିରେ ନୃତ୍ୟ ସଂଗୀତ, ନାଟକ ଓ ଚିତ୍ରାଙ୍କନରେ ପାରଦର୍ଶିତା ହାସଲ କରିଥିବା ୧୨୫ଜଣ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ସର୍ବମୋଟ ୧୮ଜଣଙ୍କୁ ଚୟନ କମିଟି ଦ୍ୱାରା ବାଲ ପୁରସ୍କାର ୨୦୨୪ ପାଇଁ ଚୟନ କରାଯାଇଥିଲା । ସେଥି ମଧ୍ୟରୁ ଦଶମ ସ୍ଥାନରେ ଅନୁଗୋଳର ନ୍ୟୁ କ୍ରିଏସନ ଡ୍ୟାନ୍ସ ଏକାଡେମୀର ଛାତ୍ରୀ ତଥା ଅନୁଗୋଳ ନାଲକୋ ସ୍ଥିତ କୁନା ପାତ୍ର ଏବଂ ସୁମିତ୍ରା ପାତ୍ରଙ୍କ ଜ୍ୟୋଷ୍ଠା କନ୍ୟା କୀର୍ତ୍ତି କୌଶିକା ପାତ୍ର ଓଡିଶାରୁ ଏକମାତ୍ର ପ୍ରତିଯୋଗୀ ଏହି ସମ୍ମାନଜନକ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ସୁଶ୍ରୀ କୀର୍ତ୍ତି କୌଶିକା ପାତ୍ର ନୃତ୍ୟ ଗୁରୁ ଅନିତା ରାଜଗୁରୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଗତ ଦଶ ବର୍ଷ ହେବ ନୃତ୍ୟ ଶିକ୍ଷାର ପ୍ରଶିକ୍ଷଣ ନେଇ ଜାତୀୟ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନୃତ୍ୟ ଅନୁଷ୍ଠାନ ତଥା ଅନୁଗୋଳ ସହର ପାଇଁ ଗୌରବ ଆଣିଦେଇଛନ୍ତି । କୀର୍ତ୍ତି କୌଶିକା ଜଣେ କୃତୀ ଛାତ୍ରୀ ସହ ଏକାଧାରରେ ନୃତ୍ୟ, ଯନ୍ତ୍ର ସଂଗୀତ ଏବଂ ଚିତ୍ରାଙ୍କନରେ ଅନୁଗୋଳରେ ଥିବା ସୁନାମଧନ୍ୟ ଗୁରୁମାନଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି । ବର୍ତ୍ତମାନ ସେ ନାଲକୋନଗର ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲର ନବମ ଶ୍ରେଣୀ ଛାତ୍ରୀ ଅଟନ୍ତି । ତାଙ୍କର ଏହି ସମ୍ମାନ ପାଇଁ ନ୍ୟୁ କ୍ରିଏସନ ଡ୍ୟାନ୍ସ ଏକାଡେମୀର ସମସ୍ତ ଅଭିଭାବକ ଏବଂ ସମ୍ପାଦକ ପଙ୍କଜ ସାମଲ ନୃତ୍ୟ ଗୁରୁ ଅନିତା ରାଜଗୁରୁଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

## ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ସନ୍ଦେହ

**ଅନୁଗୋଳ, ୪।୫(ସମିସ):** ଢେଙ୍କାନାଳ ଜିଲ୍ଲା କଣ୍ଟାବଣିଆ ଥାନା ଅନ୍ତର୍ଗତ ନଣ୍ଡିଲୋ ଗ୍ରାମର ଜଣେ ବ୍ୟକ୍ତି ରାସ୍ତାରେ ଚାଲିଚାଲି ଯାଉଥିବା ବେଳେ ଖସିପଡ଼ି ଗୁରୁତର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହେବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା । ସୂଚନା ମୁତାବକ ନଣ୍ଡିଲୋ ଗ୍ରାମର ପ୍ରଫୁଲ୍ଲ ଅମାନ୍ତ (୬୪) ଶନିବାର ସକାଳ ୯ଟା ସମୟରେ ଗାଁ ପାଖରେ ଥିବା ମନ୍ଦିରକୁ ଚାଲିଚାଲି ଯାଉଥିବା ବେଳେ ହଠାତ୍ ଖସିପଡିଥିଲେ । ତାଙ୍କୁ ପ୍ରଥମେ ବଅଁରପାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା । ଏଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଡାକ୍ତରଖାନା କର୍ତ୍ତୃପକ୍ଷ ଥାନାରେ ଜଣାଇବା ପରେ ପୁଲିସ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯିବା ସହ ଶବ ଘର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ତାଙ୍କର ଅଂଶୁଘାତରେ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି ।

**ନିରୁଦ୍ଦିଷ୍ଟ**



ନାମ-ସିଦ୍ଧାର୍ଥ ଦାସ @ ହେଲ୍‌ମେଟ୍ @ କଲ୍ୟାଣ, ବୟସ-୧୩, ବାପା- ଅଶୋକ ଦାସ, ମାଆ- ୰କୌଶଲ୍ୟା ଦାସ, ଶବର ସାହି, ବେଗୁନିଆପଡା, ଭଦ୍ରେଶ୍ୱର, କଟକ । ସେ ତା.୧୨.୦୮.୨୦୨୩ରିଖରେ ଉତ୍କଳ ବାଳାଶ୍ରମ, ନୂଆପଡା, କଟକରୁ କେଉଁ ଆଡ଼େ ଚାଲି ଯାଇଛନ୍ତି । ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କର ସନ୍ଧାନ ପାଆନ୍ତି ତଳ ଲିଖିତ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ ।

ଯୋଗାଯୋଗ :
ଶ୍ରୀଯୁକ୍ତ ଚିତ୍ତ ରଞ୍ଜନ ରାଉତ,
(ଆଇ.ଆଇ.ସି.) ମଧୁପାଟଣା ଥାନା
ମୋ- 7008178040

### ପୁଲିସ ଓ ଅବକାରୀ ବିଭାଗର ମିଳିତ ଚଢ଼ଉ

# ବିପୁଳ ପୋଚ ନଷ୍ଟ, ଦେଶୀମଦ ଜବତ; ଜଣେ ଅଟକ



**କଣିହାଁ, ୪।୫(ସମିସ)**

ଅନୁଗୋଳ ଜିଲ୍ଲା କଣିହାଁ ଥାନା ପୁଲିସ, ଅବକାରୀ ବିଭାଗ ଓ ସ୍ୱତନ୍ତ୍ର ପୁଲିସ ଟିମ୍ ର ମିଳିତ ଉଦ୍ୟମରେ ଶନିବାର ବେଆଇନ ମଦ କାରବାରକୁ ନେଇ ଚଢ଼ଉ ହୋଇଥିଲା ଓ ସାପକଟା ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ସହିତ ତାଳପଦା ପଞ୍ଚାୟତ କିଆଝାର ଗ୍ରାମ ଜଙ୍ଗଲରେ ମିଳିତ ଚଢ଼ଉ କରାଯାଇଥିଲା ଓ ବିଭିନ୍ନ ସ୍ଥାନରୁ ଅନେକ ପଳାଇ ଯାଇଥିବା ବେଳେ କିଆଝାର ଗ୍ରାମ ନିକଟ ଜଙ୍ଗଲରୁ ଦେଶୀମଦ ରନ୍ଧା ସ୍ଥଳ ଦୃଷ୍ଟିକୁ ଆସିଥିଲା ଓ ଜଣେ ବ୍ୟକ୍ତି ଧରାପଡିଥିଲା ଓ କିଆଝାର ଜଙ୍ଗଲରେ ଦେଶୀମଦ ରନ୍ଧାକୁ ନେଇ ଘଟଣାସ୍ଥଳରୁ ୬୫୦ ଲିଟର ମଦ ଜବତ ହୋଇଥିଲା ଓ ଏହା ବାଦ୍ ଅନେକ ପ୍ଲାଷ୍ଟିକ ଡ୍ରମରେ ପାଞ୍ଚ ହଜାର କେଜିରୁ ଉର୍ଦ୍ଧ୍ୱ ପୋଚ ନଷ୍ଟ କରାଯିବା ସହିତ ରନ୍ଧା ସାମଗ୍ରୀ ଜବତ କରାଯାଇଛି ଓ ଉକ୍ତ ଚଢ଼ଉରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା କଣିହାଁ ଅତିରିକ୍ତ ତହସିଲଦାର ଅନୁପ କୁମାର ଗୁରୁଙ୍କ ଉପସ୍ଥିତିରେ ଆଇଆଇସି ମନୋଜ କୁମାର ପ୍ରଧାନ, ଜିଲ୍ଲା ଅବକାରୀ ଅଧିକାରୀ ଉମାଶଙ୍କର ସ୍ୱାଇଁଙ୍କ ସହିତ ସ୍ୱତନ୍ତ୍ର ପୁଲିସ ଟିମ୍ ର ଅଧିକାରୀ ମାନସୀ ସାହୁ, ଡେରେଙ୍ଗ ଫାଣ୍ଡି ଅଧିକାରୀ ଦୁର୍ଯ୍ୟ ମହାନନ୍ଦିଆ ପ୍ରମୁଖ ସାମିଲି ଥିଲେ ଓ ଏହାକୁ ନେଇ ଅଧିକ ତଦନ୍ତ ଚାଲିଥିବା ପୁଲିସ ଓ ଅବକାରୀ ବିଭାଗ ତରଫରୁ ସୂଚନା ମିଳିଛି ।

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ ନାରାୟଣ ସାହୁ
ବରିଷ୍ଠ ସମାଜସେବୀ,
ସୋଲପେଟା, କୋରେଇ, ଯାଜପୁର
ଆବିର୍ଭାବ: ୧୯.୦୮.୧୯୫୧ । ତିରୋଧାନ: ୨୫.୦୪.୨୦୨୪

ଆପଣଙ୍କ ଅନାବିଳ ସ୍ନେହଶ୍ରଦ୍ଧା ଓ ମାର୍ଗଦର୍ଶନ ଆମର ପାଥେୟ ହେଉ । ଆପଣଙ୍କ ପ୍ରତିଟି ସ୍ମୃତି ଅଭୁଲା ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମା ବିରଜା ଓ ପ୍ରଭୁ ଜଗନ୍ନାଥଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଛୁ ।

ଆପଣଙ୍କ ହତଭାଗ୍ୟ

ଜଗବନ୍ଧୁ, ବିଦ୍ୟାଧର, ଅକ୍ଷୟ, ଶ୍ରୀଧର, ସୁରେଶ, ପରେଶ, ଆନନ୍ଦ, ବିନୋଦ, ରଞ୍ଜୁ, ସୁବାସ, ପ୍ରମିଳା, ଜାନକୀ, ସବିତା, କବିତା, ସସ୍ମିତା, ରିତା, ଲିଜା, ଲିଟୁ, ଲିନୁ, ସୁଲଗ୍ନା, ଶ୍ରୀଭଶ୍ରୀ, ପ୍ରୀତି, ପ୍ରାଚୀ, ଓମ୍, ସାଇ, ରାମ, ଶ୍ୟାମ ଓ ଦାମ ଏବଂ ଜ୍ଞାତିକୁଟୁମ୍ବ, ବନ୍ଧୁବାନ୍ଧବ ଗ୍ରାମବାସୀ ଓ ଛାତ୍ରସମାଜ

# ପଟ୍ଟାମୁଣ୍ଡାଇ ନଗର ମହିଳା ବିଜେଡିର ପ୍ରସ୍ତୁତି ବୈଠକ

**ପଟ୍ଟାମୁଣ୍ଡାଇ,୪।୫(ସମିସ):** ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବିଭିନ୍ନ ୱାର୍ଡର ତୃଣମୂଳ ସ୍ତରରେ ମହିଳା ବିଜେଡି ସଂଗଠନକୁ ଅଧିକ କ୍ରିୟାଶୀଳ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମହିଳା କଲ୍ୟାଣ ଯୋଜନା ଘରେ ଘରେ ପହଞ୍ଚାଇବା ସହିତ ଆଗାମୀ ସାଧାରଣ ନିର୍ବାଚନରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ବିଜେଡିର ଉଭୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ରେକର୍ଡ ବ୍ୟବଧାନରେ ବିଜୟୀ କରିବା ପାଇଁ ପଟ୍ଟାମୁଣ୍ଡାଇ ନଗର ବିଜେଡି ପକ୍ଷରୁ ଏକ ବିଶାଳ ମହିଳା ସମ୍ମିଳନୀ କରିବା ପାଇଁ ଡିଭାଇନ ମଣ୍ଡପରେ ଆଜି ନଗର ମହିଳା ବିଜେଡି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି।



ନଗର ମହିଳା ବିଜେଡି ସଭାନେତ୍ରୀ ତଥା କାଉନସିଲର ଲାସ୍ୟମୟୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ରାଜନଗର ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତିକରଣ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରା ବିଶ୍ୱରେ ରୋଲ୍ ମଡେଲ ପାଲଟିଛନ୍ତି। ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ କରି ମହିଳାଙ୍କ ପ୍ରତ୍ୟକ୍ଷ ଭୂମିକା ସେମାନଙ୍କୁ ସଶକ୍ତ କରିଛି। ଓଡ଼ିଶା ପ୍ରଗତିର ସାରଥୀ ମହିଳାମାନେ ଆଗାମୀ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କ ସାରଥୀ ହୋଇ ବିକାଶଧାରାକୁ ଆଗେଇ ନେବା ସହିତ ମହିଳା କଲ୍ୟାଣ ଯୋଜନା ଘରେ ଘରେ ପହଞ୍ଚାଇ ବିଜେଡିର ରେକର୍ଡ ବିଜୟକୁ ନିଶ୍ଚିତ କରିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ମହିଳା ବିଜେଡି ଉପସଭାନେତ୍ରୀ ତଥା ପୂର୍ବତନ ପୌର ଅଧକ୍ଷା ବୈଜୟନ୍ତୀମାଳା ଲେଙ୍କା, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ନଗର ବିଜେଡି ଉପସଭାପତି ଦିଗାମ୍ବର ମିଶ୍ର ମହିଳାମାନେ ବିଜେଡି ବିଜୟ ରଥ ସାରଥୀ ହୋଇ ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାନସଭା ପ୍ରାର୍ଥୀ ଧ୍ରୁବ ସାହୁଙ୍କୁ ରେକର୍ଡ ଭୋଟରେ ବିଜୟୀ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବାକୁ ନିବେଦନ କରିଥିଲେ। ଏହି ବୈଠକରେ କାଉନସିଲର ଲକ୍ଷ୍ମୀପ୍ରିୟା ସାହୁ, ଅନୁପ୍ରିୟା ସାହୁ, ମଧୁସ୍ମିତା ମଲିକ, ପ୍ରିୟଙ୍କା ସେଠୀ, ସାନିଆ ପରମିନ ସାହେବା, ଝରଣା ବେହେରା, ରୀନାରାଣୀ ମଲିକ, ନାରୀନେତ୍ରୀ ଅନୁସୂୟା ସାହୁ, ଲକ୍ଷ୍ମୀପ୍ରିୟା ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଯୁବନେତା ବାବନ ସାହୁ, ନିରାକାର ସାହୁ, ନଟବର ସେଠୀ, ରାଜେନ୍ଦ୍ର ଦାଶ ବୈଠକ ପରିଚାଳନା କରିଥିଲେ।

# ବିଜୁ ଜନତା ଦଳର ବନ୍ଧୁମିଳନ






**କେନ୍ଦ୍ରାପଡା,୪।୫(ସମିସ):** ବିଜୁ ଜନତା ଦଳର ଏକ ବନ୍ଧୁମିଳନ ସମାବେଶ ଅନୁଷ୍ଠିତ ହୋଇଯାଇଛି କ୍ଷ ବିଜୁ ଜନତା ଦଳର ଅନୁଗତ ଓ ଗଣେଶ୍ୱର ବେହେରାଙ୍କ ସହିତ କଂଗ୍ରେସ ଦଳରୁ ଆସିଥିବା ନବାଗତମାନଙ୍କ ସହ ସୌହାଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଜିଲ୍ଲା ସଭାପତି ଧିରେନ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି କ୍ଷ ଏହି ସଭାରେ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ କେନ୍ଦ୍ରାପଡା ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରାଙ୍କ ସହିତ ପୌରାଧକ୍ଷା ସରିତା ସାହୁ, ଉପାଧକ୍ଷା ଆକବରୀ ଖାତୁନ, ନଗର ସଭାପତି ଯଯାତୀ କେଶରୀ ମହାନ୍ତି, ଛାତ୍ର ସଭାପତି ପ୍ରଦୀପ କୁମାର ସାହୁ, ନଗର ମହିଳା ସଭାପତି ସ୍ୱର୍ଣ୍ଣପ୍ରଭା କର, ସେକ୍ ଇନାୟତ୍, ରାଜେଶ ମହାନ୍ତି ପ୍ରମୁଖ ସଭାରେ ଉପସ୍ଥିତ ଥିଲେ। କାଉନସିଲର ଉମେଶ ନାୟକ, ପ୍ରଦୀପ ଜେନା, କାଳି ପ୍ରସାଦ ମିଶ୍ର, ପୁଷ୍ପାଞ୍ଜଳି ବେହେରା, ସ୍ମୃତିପ୍ରଜ୍ଞା ଶତପଥୀ, ରଶ୍ମିତା ସିଂ, ସେକ୍ ଅସଲମ, ପ୍ରଭାଶିଷ ପଣ୍ଡା, ସୌମେନ୍ଦ୍ର ପୃଷ୍ଟି, ଚୌଧୁରୀ ସୁକୁମାର ଦାସ, ହିବ୍‌ଜୁର ରହେମାନ, ଶରତ କୁମାର ବେହୁରା, ହିରଣ୍ୟ କୁମାର ପଣ୍ଡା, ଅଭୟ ବେହେରା, ନିରାକାର ସ୍ୱାଇଁ, ହବିବା ବେଗମ୍, ସେକ୍ ଅକମଲ୍, ଏମ୍‌ଡି ନିଆଜ୍, ରଞ୍ଜିତ କୁମାର ସାହୁ, ବିଭୂତି ପଣ୍ଡା, ଆଶୀଷ କୁମାର ପାଣି, ସବିତା ସାହୁ, ସିଦ୍ଧାର୍ଥ ଜେନା, ମୁକ୍ତାର ଖାଁ, ଉମାକାନ୍ତ ଜେନା, ଜ୍ୟୋତିମୟୀ ମହାପାତ୍ର, ଗୋପୀନାଥ ବାରିକ, ପ୍ରଫୁଲ୍ଲ ସାହୁ, ଅକ୍ଷୟ ମେକାପ, ସଞ୍ଜୟ କୁମାର ଜେନା, କ୍ଷୀରୋଦ ମେକାପ, କାଳି ପଣ୍ଡା, ପପି ପଣ୍ଡା, ହିମାଂଶୁ ପଣ୍ଡା, ଗଣେଶ ମେକାପ, ବିଜୟ ପତି, ଶ୍ରୀକାନ୍ତ ପଣ୍ଡା, ବିଜୟ ମଣ୍ଡଳ, ଇତିଶ୍ରୀ ଦାସ, ଅଜିତ୍ ବେହେରା, ମୀର ମୁରସିଦ୍, ସମ୍ବିତ୍ ଶ୍ରୀଚନ୍ଦନ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ର ସଭାପତି ପ୍ରଦୀପ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଲେ ଗ୍ରାମବାସୀ

**ରଘୁନାଥପୁର,୪।୫(ସମିସ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୁରୁଣା ବସନ୍ତ ଗ୍ରାମପଞ୍ଚାୟତରେ ଶିଦ୍ଧେଶ୍ୱର ଉ.ପ୍ରା ବିଦ୍ୟାଳୟ ଦେଉଳସାହିର ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ପୁରାତନ ଛାତ୍ରଛାତ୍ରୀ ଅଭିଭାବକ ଓ ପରିଚାଳନା କମିଟି ବିଇଓଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ସାହୁ ମଧ୍ୟାହ୍ନ ଭୋଜନ ଚାଉଳ ଓ ପଇସା ହେରେଫେର କରିବା ଏବଂ ତାଙ୍କ ସ୍ୱାମୀ ବିଦ୍ୟାଳୟ ମୋ'ସ୍କୁଲ ଅଭିଯାନ କମିଟିର ସଭାପତି ଥିବାରୁ ଟଙ୍କା ଉଠାଇ ଖର୍ଚ୍ଚର କୌଣସି ହିସାବ ଦିଅନ୍ତି ନାହିଁ। ପ୍ରକୃତି ମିତ୍ର ଦ୍ୱାରା ଆସିଥିବା ସ୍କୁଲକୁ ସହାୟତା ରାଶିର ବାଟବରଣା, ପ୍ରଧାନଶିକ୍ଷୟିତ୍ରୀ ସ୍ଥାନୀୟ ବାସିନ୍ଦା ହୋଇଥିବାରୁ ତାଙ୍କ ସ୍ୱାମୀ ସ୍କୁଲରେ ସମସ୍ତ କାର୍ଯ୍ୟରେ ହସ୍ତକ୍ଷେପ କରୁଛନ୍ତି। ଏଭଳିକି ବିଦ୍ୟାଳୟରେ ବରିଷ୍ଠ ଶିକ୍ଷୟିତ୍ରୀ ଥିବା ବେଳେ ଲେବୁଲ 'ଭି'ରେ ଥିବା ଶିକ୍ଷୟିତ୍ରୀ କିଭଳି ପ୍ରଧାନ ଶିକ୍ଷକ ପଦବୀରେ ରହିଛନ୍ତି । ଏହା ସରକାରୀ ନିୟମକୁ ଉଲଙ୍ଘନ କରିଛି। ତେବେ ତଦନ୍ତ କରାଯାଇ ବରିଷ୍ଠତା ମଧ୍ୟରେ ଥିବା ଶିକ୍ଷୟିତ୍ରୀଙ୍କୁ ପ୍ରଧାନ ଶିକ୍ଷକ ପଦବୀରେ ହସ୍ତାନ୍ତର କରିବା ପାଇଁ ପରିଚାଳନା କମିଟିର ସଭାପତି ଜ୍ୟୋତ୍ରିକାନ୍ତ ମହାନ୍ତି, ପରମାନନ୍ଦ ଦାସ, ସାମା ମଲ୍ଲିକ, ସୁମିତ୍ରା ପାଢୀ, କବିତା ସେଠୀ, ପ୍ରକାଶ ସେଠୀ, ଶ୍ରୀୟା ସ୍ୱାଇଁ, ବରଦା କିଶୋର ବେହେରା, ଗଗନ ବିହାରୀ ବସ୍ତିଆଙ୍କ ସମେତ ଗ୍ରାମବାସୀ ଓ ପୁରାତନ ଛାତ୍ରଛାତ୍ରୀମାନେ ରଘୁନାଥପୁର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଶିକ୍ଷାଅଧିକାରୀ ନଥିବାରୁ ଅତିରିକ୍ତ ଶିକ୍ଷାଧିକାରୀଙ୍କୁ ଅଭିଯୋଗ ପତ୍ର ଦେଇଛନ୍ତି। ଏଘଟଣା ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀଙ୍କୁ ପଚାରିବାରେ ସେ କୁହନ୍ତି ମୁଁ ଏକ ସରକାରଙ୍କ କାର୍ଯ୍ୟରେ ବ୍ୟସ୍ତ ଅଛି ଘଟଣା ସମ୍ପର୍କରେ ତଦନ୍ତ କରି ପଦକ୍ଷେପ ନେବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳିତ

**ଜଗତସିଂହପୁର,୪।୫(ସମିସ):** ସ୍ଥାନୀୟ ପୁରୁଣାଗଡଠାରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିଶ୍ୱ ପରିବେଶ ସଙ୍କଟର ସମସ୍ତ ଦିଗ ଓ ଏହାର ପରିଣାମ ସଂପର୍କରେ ସାମ୍ବାଦିକମାନେ ସଚେତନତା ସୃଷ୍ଟି କରିବାକୁ ମତ ପ୍ରକାଶ ପାଇଥିଲା। ଏଥିରେ ରବୀନ୍ଦ୍ର ନାଥ ତ୍ରିପାଠୀ ସଭାପତିତ୍ୱ କରି ବାକ୍ ସ୍ୱାଧୀନତା ଅଧିକାରର ସୁରକ୍ଷା ଓ ସମ୍ମାନ ସରକାରଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ବଂଶୀଧର ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ଗଣତନ୍ତ୍ରର ମୂଲ୍ୟବୋଧ ରକ୍ଷା ଓ ସାମ୍ବାଦିକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଆଭିମୁଖ୍ୟ ନେଇ ଜାତିସଂଘ ସାଧାରଣ ସଭା ନିଷ୍ପତ୍ତି ଅନୁଯାୟୀ ୧୯୯୩ ମସିହା ମେ ୩ତାରିଖ ଠାରୁ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳିତ ହେଉଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଆଲୋଚନାରେ ଭାଗନେଇ ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ପରିବେଶ ସଙ୍କଟ ସମ୍ମୁଖରେ ସାମ୍ବାଦିକତା ଉପରେ ସବିଶେଷ ବିବରଣୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ସତ୍ୟବାଦୀ ଦାସ, ରମେଶ ସାହୁ, ସଞ୍ଜୟ ସାମନ୍ତସିଂହାର, ସତ୍ୟବାଦୀ ସାହୁ ଓ ବ୍ରହ୍ମାନନ୍ଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସୁରେନ୍ଦ୍ର ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ବେଆଇନ ପାଣି ବ୍ୟବହାରକାରୀଙ୍କ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

ଡେରାବିଶ,୪।୫ (ସମିସ); ସରକାର ବସୁଧା ଯୋଜନାରେ ରାଜ୍ୟର ପ୍ରତ୍ୟେକ ଘରକୁ ନଳ ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦେଇଛନ୍ତି। ଏଥିପାଇଁ ପ୍ରତି ପଞ୍ଚାୟତରେ ୨ରୁ ୩ଟି ଗଭୀର ବୋରିଂ କରାଯାଇ ଓଭରହେଡ୍ ଟାଙ୍କି ମାଧ୍ୟମରେ ଗ୍ରାମର ପ୍ରତ୍ୟେକ ଘରକୁ ପାନୀୟ ଜଳ ପାଇପ୍ ସଂଯୋଗ ଦିଆଯାଇଛି। ହେଲେ କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିଙ୍କ ପାଇଁ ପାଇପ୍‌ର ଶେଷ ମୁଣ୍ଡରେ ରହୁଥିବା ଜନସାଧାରଣ ପିଇବା ପାଣି ଟିକିଏ ପାଇବା ପାଇଁ ହତାଶ ହେଉଛନ୍ତି। ଏହି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିମାନେ ପାନୀୟ ଜଳ ଯୋଗାଇବା ପାଇଁ ବିଛା ଯାଇଥିବା ମୁଖ୍ୟ ପାଇପ୍‌କୁ କଣା କରି ଏଥିରେ ମୋଟର ସଂଯୋଗ କରି ସେମାନଙ୍କ ଚାଷ ଜମିକୁ ପାଣି ମଡ଼ାଉଛନ୍ତି। ଯାହା ଫଳରେ ସାଧାରଣ ଲୋକଟିଏ ପାଣି ପାଇ ପାରୁନାହିଁ। ଏପରି ଘଟଣା ଘଟିଛି ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତରେ ଏହି ପଞ୍ଚାୟତର ବାରବାଟିଆ ଓ ନରଣପୁର ଗ୍ରାମବାସୀମାନେ ପାଇପ ଯୋଗେ ପାନୀୟ ଜଳ ତାଙ୍କ ଘର ନିକଟରେ ପହଞ୍ଚୁନଥିବା ଅଭିଯୋଗ କରି ବ୍ଲକ କାର୍ଯ୍ୟାଳୟ ଘେରଉ କରିଥିଲେ। ଏହି ଘଟଣାକୁ ବ୍ଲକ ପ୍ରଶାସନ ଗୁରୁତ୍ୱର ସହ ନେଇ ଏହି ପଞ୍ଚାୟତକୁ ବ୍ଲକ ପ୍ରଶାସନ, ଗ୍ରାମ୍ୟ ପାନୀୟ ଜଳ ବିଭାଗ ଯନ୍ତ୍ରୀ ଇଂ ବିଭୁଦତ୍ତ ଦାସ ଉକ୍ତ ପଞ୍ଚାୟତକୁ ଯାଇ ପଞ୍ଚାୟତର ସରପଞ୍ଚଙ୍କ ଉପସ୍ଥିତିରେ ସରଜମିନ ତଦନ୍ତ କରିଥିଲେ। ତେବେ ଏହି ପଞ୍ଚାୟତରେ ଅଧିକାଂଶ ବ୍ୟକ୍ତି ପାନୀୟ ଜଳ ଅପଚୟ କରୁଥିବା ଦେଖିବାକୁ ମିଳିଥିଲା। କେତେକ ବ୍ୟକ୍ତି ମୋଟର ଲଗାଇ ଚାଷଜମି ଓ ବାଡ଼ିରେ ଲଗାଇଥିବା ଫସଲକୁ ମଡ଼ାଉଥିବା ବେଳେ ଅନ୍ୟ କେତେକ ବ୍ୟକ୍ତି ଏହି ପାଣିକୁ ସେମାନଙ୍କ ଗଡ଼ିଆକୁ ସଂଯୋଗ କରିଥିବା ଦେଖିବାକୁ ମିଳିଥିଲା। ତେବେ ବେଆଇନ ଭାବେ ଯେଉଁ ବ୍ୟକ୍ତିମାନେ ସଂଯୋଗ କରି ପାନୀୟ ଜଳକୁ ଅପଚୟ କରୁଥିଲେ ତୁରନ୍ତ ସେମାନଙ୍କ ବେଆଇନ ସଂଯୋଗ ଗୁଡ଼ିକୁ କାଟି ଦିଆଯାଇଥିଲା। ଏଥିସହିତ ଆଗକୁ ଯେଉଁମାନେ ବେଆଇନ ଭାବେ ସଂଯୋଗ କରି ପାନୀୟ ଜଳ ଅପଚୟ କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଚେତାବନୀ ମଧ୍ୟ ଦିଆଯାଇଥିଲା। ତେବେ ଏହି ଭଳି ଘଟଣା କେବଳ କାଉପଡ଼ା ପଞ୍ଚାୟତରେ ନୁହେଁ ସମଗ୍ର ଡେରାବିଶ ବ୍ଲକରେ ଏହିଭଳି ବେଆଇନ ସଂଯୋଗକାରୀମାନେ ଅଯଥାରେ ପାନୀୟ ଜଳ ଅପଚୟ କରୁଥିବା ନଜରକୁ ଆସିଛି। ତୁରନ୍ତ ଉଚ୍ଚକର୍ତ୍ତୃପକ୍ଷ ଏହି ବେଆଇନ ସଂଯୋଗକାରୀଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହିଭଳି ବେଆଇନ ଭାବେ ଜଳ ଅପଚୟକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



# ୧୧ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ଜଗତସିଂହପୁର, ୪।୫(ସମିସ):** ଜଗତସିଂହପୁର ଜିଲ୍ଲା ଓ ତାଲୁକ ସ୍ତରୀୟ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ମଇ ୧୧ ତାରିଖରେ ସମସ୍ତ କୋର୍ଟ ଓ ସ୍ଥାନୀୟ ପୌରପରିଷଦସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମୋକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ରାଜସ୍ୱ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ ଦେଇ) ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା , ଭତ୍ତା ଓ ଅବସର କାଳୀନ ପ୍ରାପ୍ୟ), ମୋଟର ଯାନ ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦିୱାନୀ ମୋକଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ ।କେବଳ ବିଚାରାଧିନ ମୋକଦମା ନୁହେଁ ପ୍ରାକ ମୋକଦମା ସ୍ତରୀୟ (କଚେରୀରେ ଦାୟର ହୋଇ ନଥିବା), ଚେକ ବାଉନ୍ସ ମାମଲା, ବି.ଏସ୍.ଏନ୍.ଏଲ , ବ୍ୟାଙ୍କ ଋଣ ବିବାଦ , ଶ୍ରମ ଓ ନିଯୁକ୍ତି ବିବାଦ, ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦିୱାନୀ ମୋକଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଲୋକ ଅଦାଲତରେ ମୋକଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ ଓ ଚୁଡାନ୍ତ । ଯଦି କୌଣସି ବିଚାରାଧିନ ମୋକଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ। ଦୀର୍ଘଦିନ ଧରି ଚାଲୁ ରହିଥିବା ମୋକଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସୂଚନା ପ୍ରଦାନ କରାଯାଇଛି।

## ଘର ବାହାରପଟୁ କିଳି ଲୁଟିନେଲେ ଦୁର୍ବୃତ୍ତ

# ଲକ୍ଷାଧିକ ଟଙ୍କାର ସୁନା ଗହଣା ସମେତ ଟଙ୍କା ଚୋରି

**ମହାକାଳପଡ଼ା ୪।୫ (ସମିସ):** ମହାକାଳପଡ଼ା ଥାନା ଅଧିନ ଦଧିପୁର ଗ୍ରାମରେ ରାମଲୀଳାଯାତ୍ରା ଦେଖିବାକୁ ଯାଇଥିବା ପରିବାରର ଘରର ବାହାରପଟୁ କବାଟ କିଳି ବାକ୍ସ ଆଟାଚି ତାଡି ଲକ୍ଷାଧିକ ତାଙ୍କର ସୁନା ଗହଣା ସମେତ ୩୭ ହଜାର ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଦଧିପୁର ଗ୍ରାମରେ ରାମଲୀଳା ଯାତ୍ରା ହେଉଥିବାରୁ ସେହି ଗ୍ରାମର ଅମୀୟ ପ୍ରଧାନ ଶୁକ୍ରବାର ରାତିରେ ରାମଲୀଳା ଦେଖିବାକୁ ଯାଇଥିଲେ। ପାଖରେ ଥିବା ଅନ୍ୟ ଘରେ ପରିବାରର ଅନ୍ୟ ସଦସ୍ୟମାନେ ଶୋଇଥିଲେ। ଦୁର୍ବୃତ୍ତମାନେ ଘର ପାଖରେ ରହୁଥିବା ଏକ କୁକୁରକୁ ମେଡ଼ିସିନ ଦେଇ ଅଚେତ କରିବା ସହିତ ଅନ୍ୟ ଘର ଗୁଡିକୁ ବାହାରପଟୁ କିଳି କୋଠାଘରର ତାଲା ଭାଙ୍ଗିଛନ୍ତି। ଘରେ ଆଟାଚି, ବାକ୍ସ ନେଇ ସେଥିରେ ଥିବା ସୁନା ଗହଣା ଏବଂ ଟଙ୍କା ଚୋରମାନେ ସବୁ ଲୁଟି ନେଇଯାଇଛନ୍ତି। ଆଠଟା ସୁନାଚେନ, ଗୋଟିଏ ହାର, ପାଞ୍ଚଟା ମଙ୍ଗଳସୂତ୍ର ସମେତ ମୁଦି, କାନଫୁଲ, ପାଉଁଜି ଆଦି ଗହଣା ଲୁଟ ହୋଇଛି ବୋଲି ଅମୀୟ ମହାକାଳପଡ଼ା ଥାନାରେ ଅଭିଯୋଗ କରିଛନ୍ତି।



# ଭଡ଼ାରେ ଚାଲିଛି କଂସାରୀପାଟଣା ଅଙ୍ଗନବାଡ଼ି କେନ୍ଦ୍ର

**ପଞ୍ଚୁପାଣ୍ଡବ, ୪।୫ (ସମିସ) :** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ କଂସାରୀ ପାଟଣା ଗ୍ରାମରେ ଦୁଇବର୍ଷ ଧରି ଅଙ୍ଗନୱାଡ଼ି କେନ୍ଦ୍ର ଭଡ଼ାରେ ଚାଲିଛି। ଏହି ପୁରୁଣା ଘରେ ୨ ବର୍ଷ ଧରି ଅଙ୍ଗନୱାଡ଼ି କେନ୍ଦ୍ରର କୁନି କୁନି ପିଲାମାନେ ପାଠ ପଢୁଥିବା ବେଳେ ପ୍ରଶାସନର ନଜର ଆଢୁଆଳରେ ଏହି କେନ୍ଦ୍ରଟି ରହି ଯାଇଛି। କେନ୍ଦ୍ରର ନିଜସ୍ୱ ଗୃହ ନଥିବାରୁ ଏହି କେନ୍ଦ୍ରର ଅଙ୍ଗନୱାଡ଼ି କର୍ମୀ ଜଣକ ବହୁ ସମସ୍ୟା ସମ୍ମୁଖିନ ହେଉଛନ୍ତି। ତେବେ ଯେଉଁ କେନ୍ଦ୍ରର ନିଜସ୍ୱ ଗୃହ ଅଛି ସେ କେନ୍ଦ୍ରକୁ ସରକାରଙ୍କ ପକ୍ଷରୁ ଟିଭି, ଫ୍ୟାନ୍, ଲାଇଟ୍, ଇନଭରଟର, ଚେୟାର, ଟେବୁଲ ଏବଂ ବିଭିନ୍ନ ପ୍ରକାର ଖେଳଣା ଯୋଗାଇ ଦିଆଯାଉଥିବା ବେଳେ ଏଠି କେମିତି କିଛି ନାହିଁ ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଏହି କେନ୍ଦ୍ରରେ ୧୮ ଜଣ ପିଲା ପଢୁଥିବା ବେଳେ ଏ ସମ୍ବନ୍ଧରେ କେନ୍ଦ୍ରର କର୍ମୀ ହେମଲତା ମହାରଣାଙ୍କୁ ପଚାରିବାରୁ ସେ କହିଛନ୍ତି ସରକାରଙ୍କ ପକ୍ଷରୁ ଏ କେନ୍ଦ୍ର ପାଇଁ ଟଙ୍କା ଅଛି କିନ୍ତୁ ଜାଗାର ସମସ୍ୟା ଯୋଗୁ ଘର ହୋଇପାରୁନାହିଁ। ଏହାର ତଦନ୍ତ କରାଯାଇ ଯଥାଶୀଘ୍ର ଅଙ୍ଗନୱାଡ଼ି କେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



## ମହୁ-ଆଳି ରାସ୍ତା

# ଉନ୍ନତିକରଣ କାମ ନିମ୍ନମାନର ଅଭିଯୋଗ

**ଆଳି,୪।୫(ସମିସ)**

କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ମହୁ ଗ୍ରାମରୁ ଆଳିକୁ ସଂଯୋଗ କରୁଥିବା ରାସ୍ତା ପୂର୍ତ୍ତ ବିଭାଗ ଦ୍ୱାରା ପ୍ରଶସ୍ତି ଓ ଉନ୍ନତି କରଣ ନାମରେ ଅବନତି କରଣ କରାଯାଉଥିବା ନେଇ ହୋଇଛି ସାଙ୍ଘାତିକ ଅଭିଯୋଗ। ଏହି ରାସ୍ତା ୮. ୪ କିମି ପାଇଁ ୯ କୋଟି ୨୧ ଲକ୍ଷ ଟଙ୍କା ବେୟ ବରାଦ କରାଯାଇଥିବା ବେଳେ ଅତି ନିମ୍ନ ମାନର କାର୍ଯ୍ୟ କରି ଅଧିକ ମୁନାଫା ନେଇଥିବା ନେଇ ଅଭିଯୋଗ ହେଉଛି । ଏହି ରାସ୍ତାଟି ପ୍ରଶସ୍ତ କରାଯାଇଛି ହେଲେ ପୂର୍ବରୁ ଥିବା କେବଳ ପିଚୁକୁ ତାଡି ଉଠାଇ ଦେଇ ସେହି ପୁରୁଣା ରାସ୍ତା ଉପରେ କେବଳ ପିଚୁ କରିଦେଇ କାର୍ଯ୍ୟ ସାରିବାକୁ ଠିକାଦାର ବସିଥିବା ବେଳେ ଆଳି ପୂର୍ତ୍ତ ବିଭାଗ ନିଘୋଡ଼ ନିଦ୍ରାରେ ରହି ଅକୁଣ୍ଠ ସମର୍ଥନ କରି ଚାଲିଛି। ଏହି ରାସ୍ତା କାର୍ଯ୍ୟ ପାଇଁ ଏତେ ପରିମାଣର ଅର୍ଥ ରାଶି ବରାଦ ହୋଇଥିବା ବେଳେ ନୂଆ ମେଣ୍ଟାଲିଂ କରାନଯିବା କିମ୍ବା ନୂଆ ବଜୁରି କି ଡଷ୍ଟ ନପକାଇ ପୁରୁଣା ରାସ୍ତାର ପିଚୁ ଉଠାଇ ଦେଇ ସେହି ପୁରୁଣା ରାସ୍ତା ଓପରେ ପିଚୁ କରିଦେଇ କାର୍ଯ୍ୟ ଶେଷ କରିବାକୁ ବସିଛି ପୂର୍ତ୍ତ ବିଭାଗ। ଏଥିପାଇଁ ସ୍ଥାନୀୟ ଅଞ୍ଚଳରେ ଘୋର ଅସନ୍ତୋଷ ଦେଖା ଦେଇଛି। ତେବେ ଏହି ଭଳି ଅତି ନିମ୍ନ ମାନର କାର୍ଯ୍ୟ ହେଉଥିବା ରାସ୍ତାଟି କେତେଦିନ ପର୍ଯ୍ୟନ୍ତ ତିଷ୍ଠବ ତାକୁ ନେଇ ସ୍ଥାନୀୟ ବାସିନ୍ଦା, ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।ସୂଚନା ମୁତାବକ ଏହି ରାସ୍ତାର କାର୍ଯ୍ୟର ଶେଷ ଅବଧି ତାରିଖ , ୩୧ ମାର୍ଚ୍ଚ ୨୦୨୪ ରହିଥିବା ବେଳେ। ଏପ୍ରିଲ ମାସ ୨୦ ତାରିଖ ସୁଦ୍ଧା ରାସ୍ତା କାର୍ଯ୍ୟ ଶେଷ ହେବା ତ ଦୂରର କଥା, ଅଧାରୁ କାର୍ଯ୍ୟ ପୁରା ବନ୍ଦ୍ କରିଦେଇ ରାସ୍ତାକୁ ଅଧପନ୍ତରିଆ କରି ପକାଇ ରଖିଥିଲେ। ଏହି ରାସ୍ତାର ପିଚୁ ତାଡି ଦିଆ ଯିବାରୁ ଖାଲ ଖମା ହୋଇଯାଇ ବଡ ବଡ କଂକ୍ରିଟ ମାନ ଖେଳାଇ ହୋଇ ବିପଦ ପୂର୍ଣ୍ଣ ସାଜିଛି। ରାସ୍ତାର ଏହିଭଳି ଶୋଚନୀୟ ଅବସ୍ଥା ପାଇଁ ଅନେକ ଦୁର୍ଘଟଣା ମାନ ଘଟି ଦୁଇ ଦୁଇଟି ଅମୂଲ୍ୟ ଜୀବନ ଚାଲି ଯାଇଥିବା ବେଳେ ସବୁଦିନ ଛୋଟ ମୋଟ ଦୁର୍ଘଟଣା ମାନ ଘଟି ଚାଲିଛତ। ଏନେଇ ସ୍ଥାନୀୟ ଲୋକଙ୍କ ମନରେ ଅସନ୍ତୋଷ ପ୍ରକାଶ କରିବା ସହିତ ଅଭିଯୋଗ ମଧ୍ୟ କରଛନ୍ତି। ଏଥିପାଇଁ କାର୍ଯ୍ୟ ଭାର ନେଇଥିବା ସଂସ୍ଥା ସହିତ ତଦାରଖ କରୁଥିବା ସରକାରୀ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣର୍ ରୂପେ ଦାୟୀ ବୋଲି ମଧ୍ୟ ଅଭିଯୋଗ କରାଯାଇଛି।।ତେବେ ଏ ବାବଦରେ ବିଭିନ୍ନ ଗଣମାଧ୍ୟମ ରେ ଖବର ପ୍ରସାରଣ କରି ତନାଘନା କରାଯିବା ସହିତ ସ୍ଥାନୀୟ ସୂଚନା ଅଧିକାର କର୍ମୀ ଦୁଷ୍ମନ୍ତ ଆଚାର୍ଯ୍ୟ ସୂଚନା ଅଧିକାର ଆଇନ ଦ୍ୱାରା ଏହାର ତଥ୍ୟ ପାଇଁ ଆବେଦନ କରି ସମସ୍ତ ତଥ୍ୟର ସତ୍ୟତା ଲୋକ ଲୋଚନକୁ ଆଣିବାକୁ ଚେଷ୍ଟା କରିଛନ୍ତି। ଆଗକୁ ନିର୍ବାଚନ ରହିଥିବା ବେଳେ ସବୁ ଦଳୀୟ ନେତା , କର୍ମୀ ନିଜ ନିଜର ପ୍ରଚାର ପ୍ରସାର ନିମନ୍ତେ ଏହି ରାସ୍ତା ଦେଇ ଯିବା ଆସିବା ବେଳେ ଯଦି କିଛି ଅଘଟଣ କିମ୍ବା ଦୁର୍ଘଟଣା ଘଟେ ସେଥି ପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ କରି ଦୁଷ୍ମନ୍ତ ଅଭିଯୋଗ କରିବା ଟା ପୂର୍ତ୍ତ ବିଭାଗ କୁ ହରଡ ଘଣାରେ ପକାଇଛନ୍ତି।। ପୂର୍ତ୍ତ ବିଭାଗ ତରବରିଆ ଭାବେ ସେହି ପୁରୁଣା ରାସ୍ତା ଉପରେ ରୋଲର ମାଧ୍ୟମରେ ରୋଲିଂ କରି କେବଳ ପିଚୁ କରିଦେଇ କାର୍ଯ୍ୟ ସାରିବାକୁ ପୂର୍ତ୍ତ ବିଭାଗ ବସିଥିବା ନେଇ ପୁଣି ହୋଇଛି ସଙ୍ଗୀନ ଅଭିଯୋଗ। ଅନ୍ୟପଟେ ଗତ ଜାନୁୟାରୀ ମାସରୁ ଏହି କାର୍ଯ୍ୟ ସମ୍ବନ୍ଧୀୟ ତଥ୍ୟ ନିମିନ୍ତେ ସୂଚନା ଆଇନ ବଳରେ ଆବେଦନ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଆବେଦନ ମୁତାବକ ସମ୍ପୂର୍ଣ୍ଣ ଓ ନିର୍ଭୁଲ ତଥ୍ୟ ପ୍ରଦାନ ନକରି ପୂର୍ତ୍ତ ବିଭାଗ ତଥ୍ୟ ଲୁଚାଉଛନ୍ତି ବୋଲି କ୍ଷୋଭର ସହ ପ୍ରକାଶ କରିଛନ୍ତି ଦୁଷ୍ମନ୍ତ।"ଏହି ବାବଦରେ ପୂର୍ତ୍ତ ବିଭାଗର ଅଧିକାରୀ ମାନେ ମୁହଁ ଖୋଲି ନଥିଲେ ସୁଦ୍ଧା ପୂର୍ବରୁ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି ।ତେଣୁ ଏହି ଅଭିଯୋଗ ଉପରେ ମତାମତ ଦେଇ ହେବ ନାହିଁ କହି ପୂର୍ତ୍ତ ବିଭାଗର ସରକାରୀ ବାବୁ ମାନେ ଖସିବାର ଆଳ କରୁଛନ୍ତି। ତେବେ ଏ ବାବଦରେ ଉପରିସ୍ଥ ତଦନ୍ତ କରାଯିବା ନେଇ ଦାବି ହେଉଛି।



## ପ୍ରଶାସନ ଜ୍ଞାତ ସାରରେ ମାଟି ଚାଲାଣ ଅଭିଯୋଗ

# ମାଟି ଚାଲାଣ ପାଇଁ ଜରିମାନା କାଟିଛି ତହସିଲ ପ୍ରଶାସନ

**ଡେରାବିଶ, ୪।୫ (ସମିସ):** ବେଶ୍ କିଛି ଦିନ ହେବ ଜାତୀୟ ରାଜପଥ ନିର୍ମାଣରେ ଡେରାବିଶ ତହସିଲ ଅଞ୍ଚଳରୁ ବେଆଇନ ଭାବେ ଲକ୍ଷ ଲକ୍ଷ ଟ୍ରିପ ମାଟି ଚାଲାଣ ହେଉଛି। ଯେଉଁଥିପାଇଁ ସ୍ଥାନୀୟ ଅଞ୍ଚଳରେ ଗୋଚର, ଶ୍ମଶାନ ଓ ଜଙ୍ଗଲ ଜମିସବୁ ଧିରେ ଧିରେ ଖାଲୁଆ ଅଞ୍ଚଳରେ ପରିଣତ ହୋଇଗଲାଣି। ବହୁ ଚକରେ ଥିବା ଚାଷ ଜମିରେ ଏବେ ବଡ଼ ବଡ଼ ଖାଲ ସୃଷ୍ଟି ହେଲାଣି। ଯାହାକି ଆଗାମୀ ଦିନରେ ଚାଷ ଜମିର ଅଭାବ ପାଇଁ ଖାଦ୍ୟ ସଙ୍କଟ ହେବାର ସମ୍ଭାବନା ସୃଷ୍ଟି ହେବ ବୋଲି ଅଞ୍ଚଳର ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ମାଟି ଚୋରା ଚାଲାଣ ବନ୍ଦ ପାଇଁ ପୂର୍ବରୁ ତହସିଲ ପ୍ରଶାସନ ରହିଥିବା ବେଳେ ଏବେ ସରକାରଙ୍କ ଷ୍ଟିଲ ଆଣ୍ଡ ମାଇନ୍ସ ବିଭାଗ ଏଥିପ୍ରତି ତୀକ୍ଷ୍ଣ ନଜର ରଖିଛି। ହେଲେ କିଛି ଦୁର୍ନୀତିଖୋର ସରକାରୀ ବାବୁଙ୍କ ପାଇଁ ପ୍ରଶାସନର ନାକତଳେ ଦୈନିକ ଚାଲାଣ ହେଉଛି ହଜାର ହଜାର ଟ୍ରିପ ମାଟି। ତହସିଲ ପ୍ରଶାସନ ପକ୍ଷରୁ ଲୋକଦେଖାଣିଆ ଭାବେ ରାଜସ୍ୱ ଆଦାୟ ପାଇଁ ଚଢ଼ଉ କରାଯାଇ ଉପରିସ୍ଥ ଅଧିକାରୀଙ୍କୁ ଦେଖାଇଲା ଭଳି ମାଟି ମାଫିଆଙ୍କ ଉପରେ ଫାଇନ୍ କଟାଯାଉଛି। କିନ୍ତୁ କିଛି ଦୁର୍ନିତିଖୋର ଅଧିକାରୀ ଓ ମାଟି ମାଫିଆଙ୍କ ସଲାସୁତୁରାରେ ଦର୍ଶାଯାଉଥିବା ଫାଇନ ଆଳରେ ଏହାର ହଜାର ଗୁଣ ମାଟି ଲୁଟି ନେଇଯାଉଛନ୍ତି। ତୁରନ୍ତ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ମାଟି ମାଫିଆ ମାନଙ୍କ ଉପରେ ଅଙ୍କୁଶ ଲଗାନଗଲେ ଆଗାମୀ ଦିନରେ ଡେରାବିଶ ଅଞ୍ଚଳରେ ଆଉ ମାଟି ମିଳିବ ନାହିଁ ବୋଲି ଅଞ୍ଚଳର ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।


AAB
3450323
DGP-Forms-CTP-112-1,00,000Bks.-23-08-2021

## ଶଶୁରଙ୍କ ଶାବଳ ମାଡ଼ରେ ବୋହୂ ଗୁରୁତର

**ମହାକାଳପଡ଼ା, ୪।୫(ସମିସ):** ମାର୍ଶାଘାଇ ଥାନା ଅନ୍ତର୍ଗତ ତିଖିରୀ ପଞ୍ଚାୟତର ଧନିଆପଡ଼ା ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଶଶୁରଙ୍କ ଶାବଳ ମାଡ଼ରେ ବୋହୂ ଗୁରୁତର ଆହତ ହୋଇ ପ୍ରଥମେ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ସଂକଟାପନ୍ନ ହେବାରୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଜାଳେଣି କାଠକୁ ନେଇ ଶଶୁର ଓ ବୋହୂ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଶଶୁର ବାବାଜୀ ବେହେରା ଏକ ଶାବଳରେ ବୋହୂ ରୀନାବାଳ ମାହାଳିଙ୍କୁ ଶକ୍ତପ୍ରହାର ଦେଇଥିଲେ। ଘଟଣା ସ୍ଥଳରେ ରୀନାବାଳା ଚେତାଶୂନ୍ୟ ହୋଇ ପଡିଯାଇଥିଲେ। ପରେ ନାତୁଣୀକୁ କାମୁଡ଼ି ଦେଇଥିଲେ ବାବାଜୀ। ଉଭୟ ଆହତ ହୋଇ କେନ୍ଦ୍ରାପଡ଼ା ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ଶନିବାର ନାତୁଣୀ ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଆହତ ରୀନାବାଳଙ୍କ ଝିଅ ଲୋପାମୁଦ୍ରା ବାରିକ ଅଭିଯୋଗ କରିଛନ୍ତି ଯେ ତାଙ୍କ ବାପା ଫକୀର ଚରଣ ବେହେରା ବର୍ଷକ ତଳେ ଅନ୍ୟଜଣେ ମହିଳାଙ୍କୁ ନେଇ ବାହାରେ ରହୁଛନ୍ତି। ତାଙ୍କର ଏକ ସନ୍ତାନ ଅଛି। ସେ ଘରକୁ ଫେରି ରହିବାକୁ ଜିଦ ଧରିବାରୁ ପ୍ରଥମ ପତ୍ନୀଙ୍କ ୩ ଝିଅ ଓ ପତ୍ନୀ ବିରୋଧ କରିଥିଲେ। ଫଳରେ ଫକୀର ନିଜ ବାପା ବାବାଜୀ ଓ ମାଆଙ୍କୁ ଝଗଡା କରି ସେମାନଙ୍କୁ ଘରୁ ବାହାର କରିଦେବା ନେଇ ପ୍ରରୋଚନା ଦେଇଆସୁଛନ୍ତି। ଶୁକ୍ରବାର ଅପରାହ୍ନରେ ଝଗଡା କରିବା ସହିତ ଜେଜ ବାବାଜୀ ଓ ମାଆ ଶାବଳ, କଟୁରୀ ଧରି ଆକ୍ରମଣ କରିଥିଲେ। ଆକ୍ରମଣରେ ରୀନାଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହେବା ଦେଖି ଝିଅ ଓ ପଡୋଶୀ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରିଥିଲେ। ଶନିବାର ଅଭିଯୋଗ ପାଇବା ପରେ ମାର୍ଶାଘାଇ ପୁଲିସ ତଦନ୍ତ କରୁଛି।

● ରାଜ୍ୟସ୍ତରୀୟ ନବଜ୍ୟୋତି ନାଟକ ମହୋତ୍ସବ

## ଦ୍ୱିତୀୟ ସନ୍ଧ୍ୟାରେ 'ବାବୁ ମୁଠେ ଭିକ ଦିଅ' ନାଟକ ମଞ୍ଚସ୍ଥ



**ପାରାଦୀପ, ୪।୫ (ସମିସ):** ବିଶ୍ୱାଳୀ ନବଜ୍ୟୋତି ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୨୭ତମ ନବଜ୍ୟୋତି ନାଟକ ମହୋତ୍ସବର ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସନ୍ଧ୍ୟାରେ ଖରିଗୋଠ ବାବା ଲଛମନଜୀଉ ନାଟ୍ୟ ସଂସଦ ପକ୍ଷରୁ "ବାବୁ ମୁଠେ ଭିକଦିଅ" ନାଟକ ମଞ୍ଚସ୍ଥ ହୋଇଯାଇଛି। ବିନୋଦ ରାଉତଙ୍କ ନିର୍ଦ୍ଦେଶନାରେ ଉକ୍ତ ନାଟକ ମଞ୍ଚସ୍ଥ ହୋଇଥିଲା। ବିଶ୍ୱାଳୀ ପଞ୍ଚାୟତର ଡ୍ରାମା ପଡ଼ିଆରେ ଉକ୍ତ ନାଟକ ମହୋତ୍ସବର ଆଜି ତୃତୀୟ ସନ୍ଧ୍ୟାରେ ଭଅରକୁଲାର ମା' ବୁଢୀ ଜାଗୁଳାଇ ନାଟ୍ୟ ସଂସଦ ପକ୍ଷରୁ 'ଆସିଛି ଏକା ଯିବି ମୁଁ ଏକା' ନାଟକ ଅମୀୟ ସାମନ୍ତରାୟଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠିତ ହୋଇଛି। ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ଲିଟିଲ ମାଷ୍ଟର ବିନୋଦ ରାଉତ, ଗୀତିକାର, ଭାଷ୍ୟକାର ତଥା ସଂଳାପ ଲେଖକ ସରଣବିନ୍ଦ ଓଝା, ଯାତ୍ରା ଜଗତର ଚକୋଲେଟ ହିରୋ ହୃଷିକେଶ ରଥ, ଯାତ୍ରା ଜଗତର ଦୁର୍ଦ୍ଦାନ୍ତ ଖଳନାୟକ ଦୈତାରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ମଦ ଜବତ; ୨ ଗିରଫ



**ପାରାଦୀପ, ୪।୫ (ସମିସ):** ପାରାଦୀପ ଲକଥାନା ଅଧିନ ଜଗତିଗଡା ନିକଟରୁ ପୁଲିସ ଦୁଇ ଚୋରା ମଦ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।ସେମାନେ ହେଲେ କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ଥାନା ଅଧିନ ଗଟନଈ ଅଞ୍ଚଳର ମନୋରଞ୍ଜନ ମଲ୍ଲିକ ଓ ଜୀବନ ମଲ୍ଲିକ।ସେମାନଙ୍କ ନିକଟରୁ ୪୮ ବୋତଲ ବିଦେଶୀ ମଦ ଜବତ କରିଛି ପୁଲିସ।ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

● ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ଶ୍ରମିକ ସମାବେଶ

# 'ସାମାଜିକ ସୁରକ୍ଷା ଓ ଦକ୍ଷତା ବିକାଶରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ଆଗରେ'




**ପାରାଦୀପ, ୪।୫ (ସମିସ):** ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫୦ ବର୍ଷ ମଧ୍ୟରେ ଏକ କାଳୀନ ଦୈନିକ ମଜୁରି ୧୦୦ ଟଙ୍କା ବୃଦ୍ଧି କରି ଇତିହାସ ରଚିଛନ୍ତି ବୋଲି ଆଜି ପୂର୍ବ ଓଡିଶା ଶିଳ୍ପାଞ୍ଚଳ ବିକାଶ ପରିଷଦ ପକ୍ଷରୁ ପାରାଦୀପ ଗଡ ମହୋଦଧି ଗେଷ୍ଟ ହାଉସଠାରେ ଆୟୋଜିତ ଜିଲ୍ଲା ସମ୍ମିଳନୀରେ ବିଜୁ ଶ୍ରମିକ ସାମ୍ମୁଖ୍ୟର ମହା ସଚିବ ତଥା କଟକ ମେୟର ସୁବାସ ସିଂହ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଦୈନିକ ମଜୁରୀ ଓଡିଶାରେ ୩୪୬ ଟଙ୍କା କୁ ୪୫୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରି ସରକାରୀ, ଅର୍ଦ୍ଧସରକାରୀ ଓ ଶିଳ୍ପ ସଂସ୍ଥା, ଘରୋଇ କାର୍ଯ୍ୟ ଏବଂ ସବୁ ସ୍ତରରେ ପ୍ରାୟ ଏକ କୋଟି ଶ୍ରମିକ ଏହି ମଜୁରୀ ବୃଦ୍ଧିରେ ଉପକୃତ ହେବେ। ବିଶେଷ କରି ପୌରପାଳିକାରେ କାର୍ଯ୍ୟରତ ଶ୍ରମିକ, ବିଦ୍ୟୁତ ବିଭାଗରେ କାର୍ଯ୍ୟରତ ଶ୍ରମିକ, ପରିବହନ ବିଭାଗରେ କାର୍ଯ୍ୟରତ ଶ୍ରମିକ ଓ ବିଭିନ୍ନ କମ୍ପାନୀ ଓ ଘରୋଇ ସଂସ୍ଥାରେ କାର୍ଯ୍ୟରତ ଶ୍ରମିକ ଏହା ଦ୍ୱାରା ଉପକୃତ ହେବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂଆ ଓଡିଶା ରାଜ୍ୟ ତମାମ ରୂପାନ୍ତରିକରଣ, ଶିଳ୍ପ ବିକାଶ ଧାରାରେ ଶ୍ରମିକମାନଙ୍କର ଭୂମିକା ସବୁଠାରୁ ପ୍ରଶଂସନୀୟ।ସେମାନଙ୍କର ମଜୁରୀ ଓ ସାମାଜିକ ସୁରକ୍ଷା ଯୋଗାଇବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ।ତେବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା "ମା" ମାନଙ୍କ ପାଇଁ ୧୦ ଲକ୍ଷ ଏବଂ ସମ୍ପୂର୍ଣ୍ଣ ପରିବାର ପାଇଁ ୫ ଲକ୍ଷ ଟଙ୍କା, ଶ୍ରମିକ ଶ୍ରେଣୀର ଲୋକଙ୍କୁ ଏକ ବଡ ସୁରକ୍ଷା ପ୍ରଦାନ କରିପାରିଛି।ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସମଗ୍ର ରାଜ୍ୟରେ ଆଜି ସୁଦ୍ଧା ୪୨ ଲକ୍ଷ ୪୮ ହଜାର ଶ୍ରମିକ ପଞ୍ଜିକୃତ ହୋଇଛନ୍ତି।ସେମାନଙ୍କୁ ବିଭିନ୍ନ ଯୋଜନାରେ ୩ ହଜାର ୫୨୪ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇ ପାରିଛି। ଅଣ ସଙ୍ଗଠିତ ଶ୍ରମିକ କଲ୍ୟାଣ ବୋର୍ଡ ଗଠନ କରାଯାଇ ସବୁ ସ୍ତରରେ ଶ୍ରମିକ ଏପରିକି ଘରୋଇ ଶ୍ରମିକ ପର୍ଯ୍ୟନ୍ତ ସାମାଜିକ ସୁରକ୍ଷା ଯୋଗାଇ ଦେବାପାଇଁ ସ୍ୱତନ୍ତ୍ର କଲ୍ୟାଣ ବୋର୍ଡ ଗଠନ କରାଯାଇ ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ କରାଯାଇ ପାରୁଛି।କେନ୍ଦୁ ପତ୍ର ତୋଳାଳୀ ଓ ବୁଣାକାରମାନଙ୍କୁ ସବୁ ପ୍ରକାର ସହାୟତା ପ୍ରଦାନ କରାଯାଇଛି।ପାରାଦୀପରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଦକ୍ଷତା ବିକାଶ ଟ୍ରେନିଂ ଦିଆଯାଇ ସ୍ୱତନ୍ତ୍ର ସାର୍ଟିଫିକେଟ ପ୍ରଦାନ କରାଯାଇଛି।ଯାହା ଫଳରେ ସେମାନେ ବାହାର ରାଜ୍ୟରେ କାମ କଲେ ଉପଯୁକ୍ତ ମଜୁରୀ ପାଇ ପାରିବେ।ବାହାର ଦେଶରେ କାର୍ଯ୍ୟରତ ଶ୍ରମିକମାନେ ନିଜ ନିଜ ଘରକୁଫେରିବା ପାଇଁ ସ୍ୱତନ୍ତ୍ର ଉଡାଜାହାଜର ବ୍ୟବସ୍ଥା ସୁଲଭ ମୂଲ୍ୟରେ କରାଇ ମୁଖ୍ୟମନ୍ତ୍ରୀ ଇତିହାସ ରଚିଛନ୍ତି। ସେହିପରି କଟକ ସହରରେ କାର୍ଯ୍ୟରତ ପୌରପରିଷଦକର୍ମଚାରୀ, ହୋଟେଲ ବ୍ୟବସାୟରେ କାର୍ଯ୍ୟରତ ଶ୍ରମିକ, ବିଭିନ୍ନ ଦୋକାନ ବଜାର, ଓ କମ୍ପାନୀରେ କାର୍ଯ୍ୟରତ ଶ୍ରମିକ ଦୈନିକ ମଜୁରୀ ବୃଦ୍ଧିର ବଡ ସହାୟତା ପାଇ ପାରିବେ।ଏହା ଛଡା ଅଟୋ ଚାଳକ, ଫଟୋ ଗ୍ରାଫର ଘରୋଇ କାର୍ଯ୍ୟରତ ଶ୍ରମିକ, ଅଣସଙ୍ଗଠିତ ଶ୍ରମିକ ବୋର୍ଡରେ ସାମିଲ ହୋଇ ସବୁ ପ୍ରକାର ସହାୟତା ପାଇବାକୁ ହକଦାର ହୋଇ ପାରିବେ ବୋଲି ଜିଲ୍ଲା ସମ୍ମିଳନୀରେ ଉପସ୍ଥିତ ବକ୍ତା ମାନେ ପ୍ରକାଶ କରିଥିଲେ। ପାରାଦୀପ ଗଡରେ ଆଜି ଆୟୋଜିତ ଏହି ଜିଲ୍ଲା ସ୍ତରୀୟ ଶ୍ରମିକ ସମାବେଶରେ ବରିଷ୍ଠ ଆଇନଜୀବୀ ତଥା ଶ୍ରମିକ ନେତା ଅମୃତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା।ଏଥିରେ ବିଜୁ ଶ୍ରମିକ ସାମୁଖ୍ୟ ମହାସଚିବ ସୁବାସ ସିଂଙ୍କ ସମେତ ରାଜ୍ୟ କାର୍ଯ୍ୟକାରୀ ସଭାପତି ମୋନିଦୀପା ସର୍ଖେଲ, ରାଜ୍ୟ ଉପସଭାପତି ଯୁଗଳ ନାୟକ, ରାଜ୍ୟ ଉପଦେଷ୍ଟା ରାଜୀବ ଲୋଚନ ମହାନ୍ତି, ସମ୍ପାଦକ ଗୋଲେଖ ଚନ୍ଦ୍ର ନାୟକ, ବିଶିଷ୍ଟ ଶ୍ରମିକ ନେତା ବାପି ସର୍ଖେଲ, ଜଗତସିଂହପୁର ଜିଲ୍ଲାର ସାଂସଦ ପ୍ରାର୍ଥିନୀ ରାଜଶ୍ରୀ ମଲ୍ଲିକ, ପାରାଦୀପ ନିର୍ବାଚନ ମଣ୍ଡଳୀ ପ୍ରାର୍ଥିନୀ ଗୀତାଞ୍ଜଳି ରାଉତରାୟ, କୁଜଙ୍ଗ ବ୍ଲକ ୪ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା କନକପ୍ରଭା ବେହେରା, ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘର ସମ୍ପାଦକ ସମୀର ବିଶ୍ୱାଳ ଓ ପାରାଦୀପ ଗଡ ପୂର୍ବତନ ସରପଞ୍ଚ ମିହିର ରଞ୍ଜନ ସ୍ୱାଇଁ ପ୍ରମୁଖ ଉଦବୋଧନ ଦେଇ ଶ୍ରମିକ ମାନଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ଚିନ୍ତିତ ବୋଲି କହିଥିଲେ।।ପାରାଦୀପ ଓଡ଼ିଶାର ଏକ ପ୍ରମୁଖ ଶିଳ୍ପ ସମୃଦ୍ଧ ଅଞ୍ଚଳ ହେବାକୁ ଯାଉଛି।ଶ୍ରମିକ ଓ ଭାଇ ଭଉଣୀ ମାନେ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ହେବାକୁ ଚାହୁଁଛନ୍ତି।ବିଜୁ ଜନତା ଦଳର ଲୋକସଭା ପ୍ରାର୍ଥିନୀ ଡ. ରାଜଶ୍ରୀ ମଲ୍ଲିକ, ବିଧାନସଭା ପ୍ରାର୍ଥିନୀ ଗୀତାଞ୍ଜଳି ରାଉତରାୟଙ୍କୁ ଶଙ୍ଖ ଚିହ୍ନରେ ମୋହର ମାରି ବହୁ ବ୍ୟବଧାନ ରେ ନିର୍ବାଚିତ କରାଇବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ।ପାରାଦୀପରେ ଶ୍ରମିକମାନଙ୍କ ପାଇଁ ଏକ ଇଏସଆଇ ହସ୍ପିଟାଲର ଆବଶ୍ୟକତା ରହିଛି। ତେଣୁ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ସହଯୋଗରେ ଏହା ପ୍ରତିଷ୍ଠା ହେବାକୁ ଯାଉଛି।ଶ୍ରମିକ ମାନଙ୍କ ପାଇଁ ଆମେ ଲଢେଇ କରି ଆସିଛୁ ଏବଂ ଆଗକୁ ଏହା ଜାରି ରହିବ।ପାରାଦୀପର ସବୁ ସ୍ତରର ଲୋକଙ୍କୁ ସୁରକ୍ଷା ଦେଇ ବିକାଶର ନୂଆ ରୂପ ପାରାଦୀପବାସୀଙ୍କୁ ପ୍ରଦାନ କରାଯିବା ସହ ଶ୍ରମିକମାନଙ୍କୁ କଲ୍ୟାଣକାରୀ ଯୋଜନାରେ ସାମିଲ କରାଯିବ ବୋଲି ଶ୍ରମିକ ନେତା ଶ୍ରୀ ସର୍ଖେଲ କହିଥିଲେ।

## ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

**କେନ୍ଦ୍ରାପଡ଼ା,୪।୫(ସମିସ):** ନହଙ୍ଗସ୍ଥ ମା' ମଙ୍ଗଳାଙ୍କ ପୀଠରେ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ୬୯ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଆର୍ତ୍ତତ୍ରାଣ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଅଭିମନ୍ୟୁ ସାହୁ ସମ୍ପାଦକୀୟ ବିବରଣୀ ପାଠ କରି ସଂଘର ଆଭିମୁଖ୍ୟକୁ ସ୍ପଷ୍ଟ କରିଥିଲେ। ସଂଘରେ ୩ଜଣ ନୂତନ ସଦସ୍ୟ ଯୋଗ ଦେଇଥିବାରୁ ସେମାନଙ୍କୁ ସ୍ୱାଗତ କରାଯିବା ସହିତ ସୁସ୍ଥ ଓ ନିରାମୟ ଜୀବନ କାମନା କରାଯାଇଥିଲା। ଆଗାମୀ ସାଧାରଣ ନିର୍ବାଚନରେ ସମସ୍ତ ସଦସ୍ୟ ଭୋଟ ଦେଇ ନିଜର ମୌଳିକ ଅଧିକାର ସାବ୍ୟସ୍ତ କରିବାକୁ ସର୍ବସମ୍ମତ ମତ ପ୍ରକାଶ ପାଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ଲହରି ପ୍ରବାହିତ ହେଉଥିବାରୁ ସମସ୍ତ ସଦସ୍ୟ ସଚେତନ ହୋଇ ଘର ଭିତରେ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା। ପରିବେଶର ସୁରକ୍ଷା ତଥା ଆଗାମୀ ପିଢିର ଭବିଷ୍ୟତ ପାଇଁ ପ୍ରତ୍ୟେକ ସଦସ୍ୟ ବର୍ଷାଋତୁ ପ୍ରାରମ୍ଭରେ ଦୁଇଟି ବୃକ୍ଷର ଚାରା ରୋପଣ କରିବାକୁ ସଂକଳ୍ପ ଗ୍ରହଣ କରାଯାଇଥିଲା। ଚଳିତ ମାସ ୨୬ ତାରିଖରେ ପରବର୍ତ୍ତୀ ବୈଠକ କରାଯିବାକୁ ସ୍ଥିର କରାଯିବା ସହ ସଂଘ ପକ୍ଷରୁ ଏକ ଜଳଛତ୍ର ଖୋଲାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ନିରଞ୍ଜନ ବିଶ୍ୱାଳ, ଧିରେନ କୁମାର ରଥ, ନରସିଂହ ସାହୁ, ଦୈତାରୀ ସେଠୀ, କ୍ଷୀରୋଦ ଚନ୍ଦ୍ର ସାମଲ, ଦିବାକର ନାୟକ, ଶ୍ୟାମସୁନ୍ଦର ଦାସ, କ୍ଷେତ୍ରବାସୀ ସାହୁ, ଗୋଲକ ଚନ୍ଦ୍ର ସାହୁ, ମଳୟ କୁମାର କୁଣ୍ଡ, କାଙ୍ଗାଳି ଚରଣ ବାରିକ, ପ୍ରଫୁଲ୍ଲ ଚନ୍ଦ୍ର ଜେନା, ଗୌରାଙ୍ଗ ଚରଣ ସାହୁ, ଜଗବନ୍ଧୁ ଦାସ, ପ୍ରଫୁଲ୍ଲ କୁମାର ସିଂହ, ରଘୁନାଥ ରାଉତ, ସୁରେନ୍ଦ୍ର କୁମାର ଦାସ ଓ ଗୁରୁଚରଣ କବି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଞ୍ଜୀବ ରାଉତ ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ



**କେନ୍ଦ୍ରାପଡ଼ା,୪।୫(ସମିସ):** କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ କମିଟି ସଭାପତି ଲୋକନାଥ ମହାରଥୀଙ୍କ ସୁପାରିଶ କ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ କିଷାନ ସେଲ୍ର ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ କେନ୍ଦ୍ରାପଡା ଜିଲ୍ଲା କିଷାନ କଂଗ୍ରେସର ଅଧ୍ୟକ୍ଷ ଭାବେ ସଞ୍ଜୀବ ରାଉତଙ୍କୁ ନିଯୁକ୍ତ କରିଛନ୍ତି। ଛାତ୍ର ରାଜନୀତିରୁ ଆରମ୍ଭ କରି ଏକାଧାରରେ ଜଣେ ସମାଜସେବୀ, ସମବାୟବିତ୍ ଓ ଶ୍ରମିକ ନେତା ଭାବେ ଜଣାଶୁଣା ସଞ୍ଜୀବ ମହାକାଳପଡା ବ୍ଲକର ବଡକୂଳ ଗ୍ରାମର ଏକ ପ୍ରତିଷ୍ଠିତ ରାଜନୈତିକ ପରିବାରରେ ଜନ୍ମ। ପିଲାଦିନୁ ବାପା ସ୍ୱର୍ଗତ ଶ୍ରୀନାଥ ରାଉତ ଓ ବଡବାପା ଅବିଭକ୍ତ ରାଜନଗର ତଥା ପାଟକୁରା ନିର୍ବାଚନ ମଣ୍ଡଳୀର ଜଣାଶୁଣା ରାଜନେତା ସ୍ୱର୍ଗତ ଧ୍ରୁବଚରଣ ରାଉତଙ୍କ ପ୍ରେରଣାରେ କଂଗ୍ରେସ ଦଳ ଆଦର୍ଶରେ ଅନୁପ୍ରାଣିତ ହୋଇ ୧୯୯୧ରେ ପ୍ରଥମେ ମହାକାଳପଡାସ୍ଥ ବାୟାବାବା ମହାବିଦ୍ୟାଳୟ ଛାତ୍ର ସଂସଦ ସଭାପତି ଓ ପରେ ବଡକୂଳ ସମବାୟ ସମିତି ସଭାପତି ଓ ବର୍ତ୍ତମାନ ଷ୍ଟାଟସ୍ ଇଣ୍ଡିଆ ଶ୍ରମିକ ସଂଗଠନର ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ତାଙ୍କର ଏହି ନୂତନ ନିଯୁକ୍ତିକୁ ନେଇ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। କେନ୍ଦ୍ରାପଡ଼ାର ବିଭିନ୍ନ ଚାଷୀ ସମସ୍ୟା ସମାଧାନ କରିବା ସହିତ ଜମ୍ବୁ, ଗଣ୍ଡାକିଆ, ପଟ୍ଟାମୁଣ୍ଡାଇ କେନାଲ ଓ ଅଶ୍ରୁଖୋଳା ଯୋର ସମେତ ଅନ୍ୟାନ୍ୟ ପାଟନାଳୀର ପୁନରୁଦ୍ଧାର, ଧାନର ସହାୟକ ମୂଲ୍ୟ ବୃଦ୍ଧି, ଜଳସେଚନର ସୁବିଧା, ସରକାରୀ ଯୋଜନାରେ କୃଷକଙ୍କୁ ସାମିଲ କରାଯିବାକୁ ଲକ୍ଷ୍ୟ ରଖିଥିବା ସଞ୍ଜୀବ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଏହି ନୂତନ ନିଯୁକ୍ତି ପାଇଁ ସେ ପିସିସି ସଭାପତି ଶରତ ଚନ୍ଦ୍ର ପଟ୍ଟନାୟକ, ରାଜ୍ୟ କିଷାନ କଂଗ୍ରେସ ସେଲ୍ର ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ ଓ ଜିଲ୍ଲା କଂଗ୍ରେସ ସଭାପତି ଲୋକନାଥ ମହାରଥୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ନିଯୁକ୍ତି ପରେ ସଞ୍ଜୀବଙ୍କୁ ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ସେଠୀ, ଫକୀର ଚରଣ ଖଟୁଆ, ବିଧୁଭୂଷଣ ମହାପାତ୍ର, ମହେନ୍ଦ୍ର ପରିଡା, ମହମ୍ମଦ ଆକବର ଅଲ୍ଲୀ, ଜିତେନ୍ଦ୍ର ଚୌଧୁରୀ, ବଳରାମ ସ୍ୱାଇଁ, କବିନ୍ଦ୍ର ସାମଲ, ଜିତେନ୍ଦ୍ର ରାଉତ, ସତ୍ୟପ୍ରିୟ ପରିଡା, ବଳରାମ ସ୍ୱାଇଁ, ସୁରେଶ ଚନ୍ଦ୍ର ପ୍ରଧାନ, ହିରଣ୍ୟ କୁମାର ମିଶ୍ର, ଜ୍ୟୋତିରଞ୍ଜନ ପରିଡା, ମାନସ ସାମଲ, ଦୟାନିଧି ଜେନା, ଅନନ୍ତ ଚରଣ ପାତ୍ର, ଅଶୋକ ଜେନା, ରାଜକିଶୋର ମିଶ୍ର, ଉମେଶ ଚନ୍ଦ୍ର ତ୍ରିପାଠୀ, କୈଳାସ କର, ଜୟଦେବ ପରିଡା, ସୁଖଦାନନ୍ଦ ପ୍ରଧାନ, ସର୍ବେଶ୍ୱର ସେଠୀ, କାଳନ୍ଦୀ ରାଉତ ଓ ଦାମୋଦର ବିଶ୍ୱାଳ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଶିକ୍ଷକ ନୃସିଂହ ଭଦ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା,୪।୫(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କୁତୁରଙ୍ଗ ପଞ୍ଚାୟତ ହାଇସ୍କୁଲର ଶିକ୍ଷକ ନୃସିଂହ ଚରଣ ଭଦ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏ ଉପଲକ୍ଷେ ବିଦ୍ୟାଳୟ ପରିସରରେ ସମାଜସେବୀ ଅଭିମନ୍ୟୁ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପୂର୍ବତନ ଶିକ୍ଷକ ରଘୁନାଥ ରାଉତ ମୁଖ୍ୟବକ୍ତା, ପୂର୍ବତନ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚରଣ ସାହୁ, ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶନ ପୀତବାସ ପଣ୍ଡା, ବାଲିଆ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପରମାନନ୍ଦ ଥାଟୋଇ, ମୋ ସ୍କୁଲ ଅଭିଯାନର ସଭାପତି ଜୟରାମ ସ୍ୱାଇଁ ଓ ରାଜନ ଥାଟୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ତଥା ପରିବେଶବିତ ଶ୍ରୀ ଭଦ୍ରଙ୍କ ଗୁଣାବଳୀ ଆଲୋଚନା କରିବା ସହିତ ତାଙ୍କ ଅବସର ଜୀବନ ସୁସ୍ଥ ଓ ନିରାମୟ ହେଉ ବୋଲି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଶିକ୍ଷକ ଶ୍ରୀ ଭଦ୍ର ଶିକ୍ଷାଦାନକୁ କେବଳ ବୃତ୍ତି ନୁହେଁ, ପ୍ରବୃତ୍ତି ଭାବେ ଗ୍ରହଣ କରି ଛାତ୍ରଛାତ୍ରୀଙ୍କୁ ସ୍ନେହ, ଆଦର ସହିତ ସେମାନଙ୍କ ଯତ୍ନ ନେଉଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ସେ ସୁନାମ ଅର୍ଜନ କରିବା ସହିତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଥିଲେ। ଶିକ୍ଷକ ଶ୍ରୀ ଭଦ୍ରଙ୍କୁ ପୁଷ୍ପମାଲ୍ୟ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଙ୍ଗାଧର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବିମ୍ବାଧର ବେହେରା, ରାମଚନ୍ଦ୍ର ଦାସ, ପ୍ରସନ୍ନଜିତ ପଣ୍ଡା, ସୁରେନ୍ଦ୍ର ବେହେରା, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ନୂଆ ସିଡିପିଓଙ୍କ ଯୋଗଦାନ ପରେ ସୁଧୁରୁଛି କାର୍ଯ୍ୟାଳୟ ଅବସ୍ଥା

# ଅନିୟମିତତାରେ ଲାଗିଛି ରୋକ୍, କିରାଣିଙ୍କ କର୍ତ୍ତୃତ୍ୱ ବି କଟୁଛି

**ରାଜକନିକା,୪।୫(ସମିସ):** ରାଜକନିକା ବ୍ଲକ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟରେ ଲାଗି ରହିଥିବା ଅନିୟମିତତାରେ ପ୍ରାୟତଃ ଅନ୍ତ ଘଟିବାକୁ ଯାଉଛି । ନୂତନ ଭାବେ ଯୋଗ ଦେଇଥିବା ସିଡିପିଓଙ୍କ କାର୍ଯ୍ୟଶୈଳୀ ଏହି ଅନିୟମିତତାକୁ ଦୂର କରିବାକୁ ବାଧ କରିଛି। କିରାଣୀଙ୍କ କବ୍‌ଜାରେ ରହି ବିଭିନ୍ନ ସମୟରେ ବିବାଦରେ ଛନ୍ଦି ହୋଇ ପଡିଥିବା କାର୍ଯ୍ୟାଳୟ ଏବେ ଧିରେ ଧିରେ ସୁଧୁରିବାରେ ଲାଗିଛି।ସମଗ୍ର ବ୍ଲକରେ ରହିଥିବା ୨୧୫ ଅଙ୍ଗନବାଡ଼ି କେନ୍ଦ୍ରକୁ କିଛି ଦିନ ତଳେ ଧାରାବାହିକ ଭାବେ କାର୍ଯ୍ୟାଳୟ ଶୋଷଣ କରୁଥିବା ନେଇ ଗଣମାଧ୍ୟମରେ ଚର୍ଚ୍ଚା ହେଉଥିଲା । ଏଥିରେ ମୁଖ୍ୟତଃ କିରାଣୀ ଆଉ କେତେକ ସୁପରଭାଇଜରଙ୍କ ପୃଷ୍ଠପୋଷକତାରେ ତମାମ ଅନିୟମିତତା ହେଉଥିବା ନେଇ ମଧ୍ୟ ଅଭିଯୋଗ ହେଉଥିଲା ।ଏମିତିକି ପୋଷାକ, ମେଡିସିନ, ଖେଳନା, ଯୋତା, ସୁଇଟର, ଷ୍ଟେସନାରୀ କିଣା ନେଇ ଖୋଦ୍ କାର୍ଯ୍ୟାଳୟ ପ୍ରତ୍ୟକ୍ଷଭାବେ ଠିକାଦାରୀ କରୁଥିବାର ଜଣା ପଡ଼ିବା ପରେ ବିବାଦ ଦେଖା ଦେଇଥିଲା । ଏହିସବୁ ସାମଗ୍ରୀ କିଣାକିଣି ପାଇଁ ଅଙ୍ଗନବାଡ଼ି କର୍ମୀଙ୍କ ବ୍ୟାଙ୍କ ଖାତାକୁ ଅର୍ଥରାଶି ଆସିବା କ୍ଷଣି ସେମାନେ ବଜାରରୁ ସିଧା ସାମଗ୍ରୀ କିଣିବାର ବ୍ୟବସ୍ଥା ରହିଛି ।ତେବେ କାର୍ଯ୍ୟାଳୟର କେତେକ ଅସାଧୁ କର୍ମଚାରୀ ଠିକାଦାର ସାଜି ଅଙ୍ଗନବାଡ଼ି କର୍ମଚାରୀଙ୍କଠାରୁ ସୁପରଭାଇଜରମାନଙ୍କ ମାଧ୍ୟମରେ ଟଙ୍କା ଆଣୁଥିଲେ। ଏଥିପାଇଁ ସ୍ୱତନ୍ତ୍ର ଭାବେ ସୁପରଭାଇଜରମାନେ ମଧ ପିସି ଖାଉଥିଲେ ।କେବଳ ଯେ ଏଭଳି ଅନିୟମିତତାରେ ଲିପ୍ତ ଥିଲେ ତାହା ନୁହେଁ ବରଂ ସରକାରୀ ଭାବେ ଅଙ୍ଗନବାଡ଼ିର କୁନି ପିଲା,ଗର୍ଭବତୀ ମହିଳା,କିଶୋରୀ ବାଳିକାଙ୍କ ପାଇଁ କରାଯାଉଥିବା ଯାବତୀୟ ଯୋଜନାରେ ଆସୁଥିବା ଅର୍ଥରାଶିକୁ ଠିକ୍ ଭାବେ ଖର୍ଚ୍ଚର୍ ନ କରି ଏହି ଗୋଷ୍ଠୀ ହଡ଼ପ କରୁଥିଲେ । ଏସବୁ ଧାରା ପ୍ରାୟ ଦୀର୍ଘଦିନ ଧରି ଚାଲୁଥିଲେ ବି ସିଡିପିଓ ବିବାଦ ଘେରକୁ ଚାଲି ଆସିଥିଲେ ।ଏଥିପାଇଁ ବିଭିନ୍ନ ସମୟରେ ଏହି କାର୍ଯ୍ୟାଳୟ ନିନ୍ଦିତ ମଧ୍ୟ ହେଉଥିଲା। ଏଥିପାଇଁ ପୂର୍ବତନ ସିଡିପିଓ ମଧ୍ୟ ଏଭଳି ଅସାଧୁ କର୍ମଚାରୀଙ୍କ ପାଇଁ ଅତିଷ୍ଠ ହୋଇ ପଡ଼ିଥିଲେ ।ତେଣୁ ବିବାଦରେ ରହିବାକୁ ଚାହୁଁ ନ ଥିବାରୁ ସେ ନିଜ ଇଚ୍ଛାରେ ବଦଳି ହୋଇ ଚାଲିଗଲେ । ହେଲେ ତାଙ୍କ ଯିବା ପରେ ପରେ ଆଉ ଜଣେ ସିଡିପିଓ ଗଞ୍ଜାମରୁ ଆସି ଉପସ୍ଥିତ ହେଉ ହେଉ ତାଙ୍କୁ ମଧ୍ୟ କୁଚକ୍ରୀ ଗୋଷ୍ଠୀ ମାୟା ଜାଲରେ ଛନ୍ଦି କରାୟତ କରି ନେଲେ । ପୁଣି ଆଗଭଳି ଅନିୟମିତତା ଧାରାବାହିକ ଭାବେ ଚାଲିଲା । ଏଥିରେ ସିଡିପିଓ ମଧ୍ୟ ବିବାଦ ଘେରକୁଚାଲି ଆସିଲେ । ହେଲେ ଏଥିରେ ଅତିଷ୍ଠ ହୋଇ ସିଡିପିଓ ମଧ୍ୟ ନିଜ ଆଡୁବଦଳି ହୋଇ ଚାଲିଗଲେ ।ନିକଟରେ ଆଉ ଜଣେ ସିଡିପିଓ ଯୋଗଦେଇ କାର୍ଯ୍ୟାଳୟ ସମ୍ଭାଳିଛନ୍ତି।ଏହି ଅଧିକାରୀଜଣକ କାମରେ ବେଶ୍ ନିପୁଣ ଆଉ ନିଃସ୍ୱାର୍ଥପର ଥିବାରୁ ଅସାଧୁ ଗୋଷ୍ଠୀଙ୍କ ମଧ୍ୟରେ ଛନକା ପଶିଛି ।କୁନି କୁନି ଶିଶୁ ଆଉମହିଳା, କିଶୋରୀମାନଙ୍କ ସଠିକ ସେବା ଯୋଗାଇ ଦେବାର ବ୍ରତୀ ଥିବାଏହି ଅଧିକାରୀ କିନ୍ତୁ ଏବେ ନିଜର କାର୍ଯ୍ୟଦକ୍ଷତା ଦେଖାଇ ପାରିଛନ୍ତି ।ଫଳରେ ସବୁ ଅନିୟମିତତା ଏବେ ଠପ୍ ହୋଇଥିବା ନେଇ ଆଲୋଚନାହେଉଛି ।ଯଦିଓ କାର୍ଯ୍ୟାଳୟର ଗୁମର ଧିରେ ଧିରେ ସ୍ପଷ୍ଟ ହେଉଛି ।ତଥାପି ତାକୁ ସୁଧାରିବାକୁ ସିଡିପିଓ ବେଶ୍ ତତ୍ପରତା ପ୍ରକାଶ କରିଛନ୍ତି । ଏମିତିକ କେନ୍ଦ୍ରର ଅବ୍ୟବସ୍ଥା,ଛତୁଆ,ଅଣ୍ଡା ଯୋଗାଣରେ ଅନିୟମିତତା,କେନ୍ଦ୍ରକୁ ନ ଯାଇ ସୁପରଭାଇଜରମାନେ ଅଫିସରେ ବସି ରହିବା ଭଳି ଅଭିଯୋଗ ପାଇଲା ପରେ ସିଡିପିଓ ତ୍ୱରିତ ପଦକ୍ଷେପ ନେଇ ଥିବାର ଶୁଣାଯାଉଛି । ତେବେ କାର୍ଯ୍ୟାଳୟରେ ଲାଗି ରହିଥିବା ଅନିୟମିତତାର ବୋଧହୁଏ ଅନ୍ତ"ଘଟିବାକୁ ଯାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି । ଏହାଛଡା"ନିକଟରେ ଜଣେ ସୂଚନା ଅଧିକାର କର୍ମୀ ନିର୍ଦ୍ଦିଷ୍ଟ ଏକ ଅଙ୍ଗନବାଡ଼ି କେନ୍ଦ୍ରର ଯାବତୀୟ ଯୋଜନା ସଂକ୍ରାନ୍ତୀୟ ତଥ୍ୟ ମାଗି ଥିଲେ ବି ଖୋଦ୍ କିରାଣୀ ଆଉ ପ୍ରାକ୍ତନ ସୁପରଭାଇଜର ମୋଟା ଅଙ୍କର ଲାଞ୍ଚ ଖାଇ କର୍ମୀଙ୍କର ଢାଲ ସାଜିବା କାର୍ଯ୍ୟାଳୟର ପାରିଲା ପଣିଆ ଉପରେ ପ୍ରଶ୍ନ ଉଠାଇଛି ।ସୁତରାଂ ବିଭାଗୀୟ ଉଚ୍ଚାଧିକାରୀ ଏସବୁ ଅନିୟମିତତା ଉପରେ ତଦନ୍ତ କରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ଦାବି ହେଉଛି।

## ଇଟାଭାଟି ତାତିରୁ ରକ୍ଷା ପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ



**ପଞ୍ଚୁପାଣ୍ଡବ, ୪।୫ (ସମିସ) :** ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମରେ ବେଆଇନ ଇଟାଭାଟି ଜଳୁଛି। ଇଟା ମାଫିଆମାନେ ଗୋଚର ଜମିରେ ଇଟା ପକାଉଥିବାରୁ ସ୍ଥାନୀୟ ଅଞ୍ଚଳର ଗୋରୁଗାଈମାନେ ଚରିବାକୁ ବହୁତ ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ ଇଟାଭାଟିର ନିଆଁ ତାତି ଓ ଧୂଆଁରୁ ଅଞ୍ଚଳବାସୀ ଅଣନିଶ୍ୱାସୀ ହୋଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଡେରାବିଶ ତହସିଲଦାର ଓ ରାଜନଗର ଆରଆଇ ଘଟଣା ସ୍ଥଳକୁ ଆସି ଇଟାଭାଟି ମାଲିକଙ୍କୁ ଲୋକଦେଖାଣିଆ ତାଗିଦ କରିଥିଲେ। ହେଲେ ଫଳ ଶୂନ। ଏବେ ଜଳୁଥିବା ଇଟାଭାଟି ପ୍ରତିବାଦରେ ଗ୍ରାମର ଦିଲିପ କୁମାର ଘଡ଼ାଇ, ନୃସିଂହ ମଣ୍ଡଳ, କିଶୋର ମହାନ୍ତି, ଦୀନବନ୍ଧୁ ସାହୁ, ଗୌତମ ଘଡ଼ି, ଭଗବାନ ମଣ୍ଡଳ, ଦୋଳଗୋବିନ୍ଦ ମହାରଣା ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେଅଭିଯୋଗ କରିଛନ୍ତି।

## ଶିଳ୍ପ ପ୍ରଭାବିତଙ୍କୁ ମିଳୁନି କ୍ଷତିପୂରଣ

# ତ୍ରିପାକ୍ଷିକ ବୈଠକର ସୁଫଳ ମିଳିବ କେବେ

ଯାଜପୁର, ୪।୫(ସମିସ)



ରାଜ୍ୟରେ ଅଧିକ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟରେ ପୁଞ୍ଜିପତିଙ୍କୁ ଆକୃଷ୍ଟ କରିବା ପାଇଁ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦିଆଯାଉଛି। ରାଜ୍ୟ ସରକାର ଶିଳ୍ପ ଅନୁକୂଳ ବାତାବରଣ ସୃଷ୍ଟି କରି ଶିଳ୍ପ ବିପ୍ଳବ ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଯାହାର ସୁଫଳ କଳିଙ୍ଗନଗର ଭଳି ଶିଳ୍ପାଞ୍ଚଳ ସୃଷ୍ଟି ହୋଇପାରିଛି। ଏଠାରେ ୧୫ରୁ ଅଧିକ ଶିଳ୍ପ ସଂସ୍ଥା ଗଢ଼ି ଉଠିଛି। ଏହି ଶିଳ୍ପ ସଂସ୍ଥା ପ୍ରତିଷ୍ଠା କ୍ଷେତ୍ରରେ ସ୍ଥାନୀୟ ଲୋକଙ୍କ ସହଯୋଗ ଓ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। କିନ୍ତୁ ଅନେକ ସମୟରେ ଏହି ଶିଳ୍ପ ସଂସ୍ଥା ସ୍ଥାନୀୟ ପ୍ରଭାବିତ ପରିବାରଙ୍କୁ ଯେଉଁ କ୍ଷତିପୂରଣ ପ୍ରଦାନ ନେଇ ପ୍ରତିଶ୍ରୁତି ଦେଉଛନ୍ତି, ତାହା ପୂରଣ କରିବାରେ ଅସମର୍ଥ ହେଉଛନ୍ତି। ଏ ନେଇ ତ୍ରିପାକ୍ଷିକ ବୈଠକ ବସି ଏ ସମସ୍ୟାର ସମାଧାନ ପାଇଁ ନିଷ୍ପତ୍ତି ହୋଇଥିଲେ ହେଁ ଏହାର ସୁଫଳ ଲୋକଙ୍କୁ ମିଳିପାରିନାହିଁ। କେବେ ଶିଳ୍ପ ପ୍ରଭାବିତ ଲୋକଙ୍କ ଦୁଃଖ ଦୂର ହେବ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ନବେ ଦଶକରୁ ଆଜି ପର୍ଯ୍ୟନ୍ତ ଛୋଟ ବଡ ବହୁରାଷ୍ଟ୍ରୀୟ କମ୍ପାନୀ ସମେତ ମୋଟ ପନ୍ଦରର ଅଧିକ କମ୍ପାନୀକୁ ଦେଖି କଳିଙ୍ଗନଗର ଶିଳ୍ପାଞ୍ଚଳ ପାଦଦେଶରେ ଅନେକ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ଗଢ଼ି ଉଠିଛି। ଏସବୁ ଶିଳ୍ପ ପାଇଁ ଅନେକ ପରିବାର ପ୍ରଭାବିତ ହୋଇଛନ୍ତି। ଏମାନଙ୍କୁ ଇଡକୋ ଜରିଆରେ ଏକର ଏକର ଜମି ଯୋଗାଇ ଦିଆଯାଉଛି। ପନ୍ଦର ଏକର ପରିମିତ ଜମିରେ ଚାନ୍ଦିଆ ପଞ୍ଚାୟତର ଟାଙ୍ଗରସାହିଠାରେ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ବିଭାଗର ୩୫ଟି ଛୋଟ ଶିଳ୍ପ ପ୍ରତିଷ୍ଠା କରାଯାଇଥିବାବେଳେ କେତେକ କମ୍ପାନୀ ଜନଶୁଣାଣି ଶିବିର ଆୟୋଜନ କରି ନିଜ ନିଜର ପାଚେରି କାମ କରୁଛନ୍ତି। ଏଥିପାଇଁ ସ୍ଥାନୀୟ ପ୍ରଭାବିତ ପରିବାର ସମ୍ପୂର୍ଣ୍ଣ ଭାବେ ଇଡକୋ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସହଯୋଗ କରିଛନ୍ତି। କଳିଙ୍ଗନଗର ବିସ୍ଥାପନ ଓ ଥଇଥାନ ନୀତି ଅନୁଯାୟୀ ଚାନ୍ଦିଆ ପଞ୍ଚାୟତର କଚେରୀଗାଁ, ଅରାସାହି, ଟାଙ୍ଗରସାହି ଓ ଯଖପୁରା ପଞ୍ଚାୟତ ଅଧୀନସ୍ଥ କୁଡୁମୀସାହିର ୧୭୬ ପରିବାରଙ୍କୁ କ୍ଷତିପୂରଣ ପ୍ରଦାନ ପାଇବା କଥା। ଏଥିପାଇଁ ଏସବୁ ପରିବାରକୁ ଥଇଥାନ କରିବା ଦାବିରେ ବାରମ୍ବାର ବିକ୍ଷୋଭ ଓ ପ୍ରତିବାଦ କରାଯାଇଥିଲା।

ତତ୍କାଳୀନ କଳିଙ୍ଗନଗର ଏଡିଏମ ସନ୍ତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗତ ୨୫।୮।୨୩ରେ ଜେସିଡିଏଲ ସମ୍ମିଳନୀ କକ୍ଷରେ ପ୍ରଭାବିତ ପରିବାର, ବିଭିନ୍ନ କାରଖାନା କର୍ତ୍ତୃପକ୍ଷଙ୍କ ସହିତ ଇଡ୍କୋ କର୍ତ୍ତୃପକ୍ଷ, ସୁକିନ୍ଦା ବିଧାୟକ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ତ୍ରିପାକ୍ଷିକ ବୈଠକରେ କଚେରୀଗାଁର ୭୬ ପରିବାର, ଅରାସାହିର ୫୯ ପରିବାର, ଟାଙ୍ଗରସାହିର ୫୨ ପରିବାର ଓ କୁଡୁମୀ ସାହିର ୮୫ ପରିବାରଙ୍କୁ ବିସ୍ଥାପିତ କରାଯିବା ସହ ସ୍ଥାୟୀ ନିଯୁକ୍ତି, ଘର ଅନୁଯାୟୀ କ୍ଷତିପୂରଣ, ୧୦ ଡିସିମିଲ ଜମି ପଟ୍ଟା, ଥଇଥାନ ପାଇଁ କଲୋନୀ ବ୍ୟବସ୍ଥା ସହ ୨୦୦୫ର ମୂଳ ପରିବାରଙ୍କୁ ଅତିରିକ୍ତ ୩ ଲକ୍ଷ ୮୫ ହଜାର ଟଙ୍କା ଅତିରିକ୍ତ କ୍ଷତି ପୂରଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକ ଇତିମଧ୍ୟରେ ଆଠ ମାସ ହେଲା ପୂରଣ ହେଲାଣି। ଏଯାବତ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟାଳୟ କିମ୍ବା ଇଡକୋ ମୁଖ୍ୟାଳୟ ପକ୍ଷରୁ ଏହି ତ୍ରିପାକ୍ଷିକ ବୈଠକରେ ନିଆଯାଇଥିବା ନିଷ୍ପତ୍ତିକୁ ଅନୁମୋଦନ କରାଯାଇନାହିଁ। ଯାହାକୁ ନେଇ ପ୍ରଭାବିତ ପରିବାରଙ୍କ ମଧ୍ୟରେ ଧିରେ ଧିରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଆଗାମୀ ଦିନରେ ସମସ୍ୟା ବଢ଼ିବ ବୋଲି ଆଶା କରାଯାଉଛି।

## ୯ରେ ପ୍ରମିଳାଙ୍କ ନାମାଙ୍କନ



**ବିଂଝାରପୁର, ୪।୫(ସମିସ):** ଆସନ୍ତା ୯ ତାରିଖ ଗୁରୁବାର ଦିନ ବିଜୁ ଜନତା ଦଳର ବିଂଝାରପୁର ବିଧାୟିକା ପ୍ରାର୍ଥିନୀ ପ୍ରମିଳା ମଲ୍ଲିକ ନାମାଙ୍କନପତ୍ର ଦାଖଲ କରିବେ। ଏହି ସମୟରେ ବହୁ ସଂଖ୍ୟକ କର୍ମୀ ଓ ନେତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଅରେଇଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଘୋଷଣା କରାଯାଇଛି। ପଞ୍ଚାୟତ ବିଜେଡି ସଭାପତି ସରୋଜ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅହଲ୍ୟା ସ୍ୱାଇଁ, ପଞ୍ଚାୟତ ପର୍ଯ୍ୟବେକ୍ଷକ ସରପଞ୍ଚଙ୍କ ପ୍ରତିନିଧି ରାଧାକାନ୍ତ ନାୟକ, ବଟକୃଷ୍ଣ ନାୟକ, ସମୀର ଜେନା, ତାରାକାନ୍ତ ମଲ୍ଲିକ, ସତ୍ୟରଞ୍ଜନ ମଲ୍ଲିକ, ଗୋବିନ୍ଦ ଯେନା, ବାବୁଲି ସାମଲ, ପ୍ରଭାସ ବିଶ୍ୱାଳ, ଧର୍ମେନ୍ଦ୍ର ବେହୁରିଆ, ରଞ୍ଜନ ବେହୁରିଆ, ବିଜୟ ପରିଡ଼ା, ଦେବେନ୍ଦ୍ର ସାମଲ, କୃଷ୍ଣଚନ୍ଦ୍ର ଜେନା, ରାଜେନ୍ଦ୍ର ସାମଲଙ୍କ ସମେତ ବହୁ କର୍ମୀ ଯୋଗଦେଇ ନାମାଙ୍କନ ଦାଖଲ ଦିନ କିଭଳି ଅଧିକରୁ ଅଧିକ ସଂଖ୍ୟକ କର୍ମୀ ସାମିଲ ହେବେ, ସେଥିପ୍ରତି ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ହୋଇଥିଲା। ଆଗାମୀ ନିର୍ବାଚନ ପାଇଁ ପ୍ରଚାର ଜୋରଦାର କରିବା ସହ ଘରେ ଘରେ ମୁଖ୍ୟମନ୍ତ୍ରୀଙ୍କ ସଫଳତା ପହଞ୍ଚାଇବା ସମ୍ପର୍କରେ ଆଲୋଚନା କରାଯିବା ସହ ପ୍ରମିଳାଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ଶପଥ ନେଇଛନ୍ତି କର୍ମୀ। ବରିଷ୍ଠ କର୍ମୀ ପର୍ଶୁରାମ ମିଶ୍ର ଧନ୍ୟବାଦ ଦେଇଥିଲେ।

## ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ

**ସିଂହପୁର, ୪।୫(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥ ଖରସ୍ରୋତା ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ଭାବେ ଯୋଗ ଦେଇଥିବା ମିହିର ରାଉତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଆଜି ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଆଧ୍ୟାପିକା, କର୍ମଚାରୀ ପ୍ରମୁଖ ନୂତନ ଅଧ୍ୟକ୍ଷ ମିହିର ରାଉତଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

## ଅଳକୁଣ୍ଡରେ ବିଜେଡିର ମିଶ୍ରଣ ପର୍ବ

**ପ୍ରୀତିପୁର, ୪।୫ (ସମିସ):** ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେପି ଓ କଂଗ୍ରେସ କର୍ମୀ ଦଳ ଛାଡି ବିଜେଡି ପ୍ରାର୍ଥୀ ପ୍ରମିଳା ମଲ୍ଲିକଙ୍କ ଶିବିରରେ ଯୋଗଦେଇଛନ୍ତି। ଅଳକୁଣ୍ଡ ପଞ୍ଚାୟତର ବହୁ ବିଜେପି ଓ କଂଗ୍ରେସ କର୍ମୀ ଦଳ ଛାଡି ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱକୁ ଆଦରି ନେଇ ବିଜେଡିରେ ସାମିଲ ହୋଇଥିଲେ। ଅଳକୁଣ୍ଡ ସରପଞ୍ଚ ସୁଶାନ୍ତ ଦାସ, ସଭାପତି ନିରଞ୍ଜନ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଗତକାଲି ସନ୍ଧ୍ୟାରେ ୨୫ରୁ ଊର୍ଦ୍ଧ୍ୱ ଅନ୍ୟ ଦଳର କର୍ମୀ ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ବିଜେଡିରେ ସାମିଲ ହୋଇଥିଲେ। ପ୍ରମିଳା ମଲ୍ଲିକ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇବା ସହିତ ଦଳର ଆଦର୍ଶ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିକଶିତ ଓଡ଼ିଶା ଗଠନରେ ସମସ୍ତେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ।

## ଅଧ୍ୟାପକଙ୍କ ମାତୃ ବିୟୋଗ

**ବ୍ୟାସନଗର, ୪।୫(ସମିସ):** ଲକ୍ଷ୍ମୀନଗର ପଞ୍ଚାୟତ ଅନ୍ତର୍ଗତ ତରାପୁର ଗ୍ରାମର ମା' ହିଙ୍ଗୁଳା ଆଞ୍ଚଳିକ କମିଟିର ପୂର୍ବତନ ସମ୍ପାଦକ ପୁରସ୍ତମ ନାୟକଙ୍କ ଧର୍ମପତ୍ନୀ ତଥା ବ୍ୟାସନଗର ଅଞ୍ଚଳର ଜଣାଶୁଣା ରସାୟନ ବିଜ୍ଞାନ ଅଧ୍ୟାପକ ଗୋବର୍ଦ୍ଧନ ନାୟକଙ୍କ ମାଆ ରମ୍ଭାଲତା ନାୟକ(୭୦)ଙ୍କ ବୁଧବାର ପରଲୋକ ହୋଇଛି। ଅଶୋକ ଦାସ ଫାଉଣ୍ଡେସନର ସଚିବ ଭବପ୍ରସାଦ ଦାସ ଶୋକବ୍ୟକ୍ତ କରିଥିବାବେଳେ କୋରେଇର ପୂର୍ବତନ ବିଧାୟକ ଆକାଶ ଦାସନାୟକ, ବିଜେପି ଯୁବନେତା ଇଂ ଆଲେକଜାଣ୍ଡାରେ ଦାସ, କେଏନପି ଅଧ୍ୟକ୍ଷ ବିଷ୍ଣୁଚରଣ ସାହୁ, ଆଇଜିଏମ ଜୁନିୟର କଲେଜ ଅଧ୍ୟକ୍ଷା ପଙ୍କଜିନୀ ପାଣି, ଅଧ୍ୟାପକ ଜ୍ୟୋତିପ୍ରକାଶ ରାଉତ, ହୃଷିକେଶ ତ୍ରିପାଠୀ ପ୍ରମୁଖ ତାଙ୍କ ତରାପୁରସ୍ଥ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ଜନଜାଗରଣ ମଞ୍ଚ ପକ୍ଷରୁ ଜଳଛତ୍ର

**ବରୀ, ୪।୫(ସମିସ):** ବରୀ ବ୍ଲକ ଅଧୀନସ୍ଥ ବାଲିବିଲ ପଞ୍ଚାୟତ ଗାନ୍ଧୀ ଛକରେ ଗ୍ରୀଷ୍ମପ୍ରବାହକୁ ଆଖି ଆଗରେ ରଖି ବରୀ ଜନ ଜାଗରଣ ମଞ୍ଚ ପକ୍ଷରୁ ଜଳଛତ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଉକ୍ତ ଜଳଛତ୍ର କାର୍ଯ୍ୟକ୍ରମ ଗ୍ରୀଷ୍ମପ୍ରବାହ ଶେଷ ପର୍ଯ୍ୟନ୍ତ ଚାଲୁ ରହିବ। ଏହି କାର୍ଯ୍ୟକ୍ରମ ରବୀନ୍ଦ୍ର ସ୍ୱାଇଁ, ନିହାର ରଞ୍ଜନ ସାମଲଙ୍କ ଉଦ୍ୟମରେ ଆରମ୍ଭ ହୋଇଛି। ମାନଗୋବିନ୍ଦ ସାମଲ, ପ୍ରକାଶ ପଢ଼ିଆରି, ବିଷ୍ଣୁ ଚରଣ ସାମଲ, ବିବେକାନନ୍ଦ ନାଥ, ଶରତ ଚନ୍ଦ୍ର ମଲ୍ଲିକ, ରାଜକିଶୋର ଜେନା, ଜଗବନ୍ଧୁ ସାମଲ ପ୍ରମୁଖ ସହଯୋଗ କରୁଛନ୍ତି।

## ନାବାଳିକାକୁ ଦୁଷ୍କର୍ମ କରିବା ଅଭିଯୋଗରେ ପ୍ରେମିକ ଗିରଫ

**ପ୍ରୀତିପୁର, ୪।୫(ସମିସ):** ବିଞ୍ଝାରପୁର ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ରଣପୁର ଗ୍ରାମର ସର୍ବେଶ୍ୱର ମଲ୍ଲିକଙ୍କ ପୁଅ ରଞ୍ଜିତ (୩୦) ବିବାହର ପ୍ରଲୋଭନ ଦେଖାଇ ଦୁଇବର୍ଷ ଧରି ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଏ ନେଇ ନାବାଳିକା ଜଣଙ୍କ ଗତକାଲି ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ବିଞ୍ଝାରପୁର ଥାନା ପୁଲିସ ୨୭୮/୨୪ରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ଆଜି ବିଞ୍ଝାରପୁର ପୁଲିସ ଅଭିଯୁକ୍ତ ରଞ୍ଜିତକୁ ରଣପୁର ଗ୍ରାମରୁ ଗିରଫ କରିଥିବା ଜଣାପଡ଼ିଛି। ପଚରାଉଚରା ପରେ ପୁଲିସ ଆଜି ରଞ୍ଜିତକୁ କୋର୍ଟ ଚାଲାଣ କରିଛି। ଏ ଘଟଣାରେ ନାବାଳିକାଙ୍କ ଡାକ୍ତରୀ ପରୀକ୍ଷା କରାଯାଇ ବୟାନ ରେକର୍ଡ କରାଯାଇଛି।

## ବାରକଣାରେ ଜଳଛତ୍ର କେନ୍ଦ୍ର



**କବାଟବନ୍ଧ, ୪।୫(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତ ଅଧୀନ ବାରକଣାଠାରେ ଛୋଟ ପିଲାଙ୍କ ଦ୍ୱାରା ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ପ୍ରବଳ ଗ୍ରୀଷ୍ମପ୍ରବାହକୁ ଆଖି ଆଗରେ ରହି ସ୍ଥାନୀୟ ବାରକଣା ଗ୍ରାମର ପିଲା ଘରୁ ପଇସା ନେଇ ଜାରକା-କବାଟବନ୍ଧ ନଦୀବନ୍ଧ ରାସ୍ତାର ବାରକଣା ରବିବାର ହାଟ ନିକଟରେ ନଦୀବନ୍ଧ ଉପରେ ଯାତାୟାତ କରୁଥିବା ସାଇକଲ, ବାଇକ୍ ଆରୋହୀ, ପଥଚାରୀଙ୍କୁ ଥଣ୍ଡା ଦହି, ଲେମ୍ବୁ ପାଣି ଆଦି ଦେଇ ସେମାନଙ୍କ ତୃଷ୍ଣା ମେଣ୍ଟାଇବା ସହିତ ଅଂଶୁଘାତଜନିତ ସତର୍କତା ବାର୍ତ୍ତା ଦେଉଛନ୍ତି। ରାକେଶ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସୁବ୍ରତ ସାହୁ, ପିଣ୍ଟୁଆ ମଲ୍ଲିକ, ହାବା ମଲ୍ଲିକ, ମନୁଆ ସାହୁ, ଟିମ ସାହୁ ପ୍ରମୁଖ ପରିଚାଳନା କରୁଛନ୍ତି।

## ପଥଚାରୀଙ୍କୁ ଦହି ସର୍ବତ ବଣ୍ଟନ

**କୟାଁଗୋଲା, ୪।୫(ସମିସ):** ପରମ ପୂଜ୍ୟ ସନ୍ଥ ରାଜିନ୍ଦର ସିଂଜୀ ମହାରାଜଙ୍କ ଆଶୀର୍ବାଦରେ ସାୱନ୍ କ୍ରିପାଲ୍ ରୁହାନି ମିଶନ୍ ଜଳସେବା କେନ୍ଦ୍ର ଆରମ୍ଭ କରାଯାଇଛି। ପଥଚାରୀଙ୍କୁ ପ୍ରତ୍ୟେକ ଦିନ ସକାଳ ୯.୩୦ରୁ ୩.୩୦ ପର୍ଯ୍ୟନ୍ତ ପାନୀୟ ଜଳ ଓ ଦହି ସରବତ ବଣ୍ଟନ କରାଯିବ। ବରିଷ୍ଠ ନାଗରିକ ମଞ୍ଚ ଅଧ୍ୟକ୍ଷ କିଶୋର୍ କୁମାର ନାୟକ, ଜୋନ୍ ସଂଯୋଜକ ଦେବାନନ୍ଦ ନାୟକ ଓ ମିଶନର ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ପଥଚାରୀଙ୍କୁ ସରବତ ବଣ୍ଟନ କରିଥିଲେ। ମିଶନ ଦ୍ୱାରା ଏହି ସେବା ଆଗାମୀ ଏକ ମାସ ଯାଏ ଜାରି ରହିବ ବୋଲି ମିଶନର ମିଡିଆ ପ୍ରଭାରୀ ସ୍ମୃତିରଞ୍ଜନ ଧଳ ସୂଚନା ଦେଇଛନ୍ତି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




**ବିଂଝାରପୁର/ମଈନ୍ଦା, ୪।୫(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ଉଡରଙ୍ଗ ପଞ୍ଚାୟତର ମୋହନ ନିମ୍ନ ମାଧ୍ୟମିକ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଶାନ୍ତିଲତା ପରିଡ଼ାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସାମଲ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାମନ ଚରଣ ସାମଲ, ବରିଷ୍ଠ ଶିକ୍ଷକ ଅକ୍ଷୟ ସେଠୀ ଯୋଗ ଦେଇଥିଲେ। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରବିନାରାୟଣ ମହାନ୍ତି ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଚିନ୍ମୟ ତ୍ରିପାଠୀ, ନଟବର ତ୍ରିପାଠୀ, ରମେଶ ଚନ୍ଦ୍ର ଧଳ, ମନିପ୍ରଭା ସାମଲ, ସୁବଳ ପାତ୍ର, ଜିମୁତ ପ୍ରଧାନ, ଶିବ ପ୍ରଧାନ, ପ୍ରମୋଦ ତ୍ରିପାଠୀ, ପ୍ରଶାନ୍ତ କୁମାର ଭଦ୍ର, ଚନ୍ଦ୍ରକାନ୍ତ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରିଲୋଚନ ପ୍ରସାଦ, ଦେବେନ୍ଦ୍ର ରାୟ, ଶୁକୁଲ ମୁର୍ମୁ, ମହମ୍ମଦ ଦାଉଦ ପ୍ରମୁଖ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ପ୍ରଦୀପ କୁମାର ମଥାନ, ସୁବାସ ଚନ୍ଦ୍ର ମିଶ୍ର, ଶ୍ରୀନିବାସ ନାୟକ, ବିଦ୍ୟାଳୟର ଅଧ୍ୟକ୍ଷା ଗାୟତ୍ରୀ ଦାଶ, ପ୍ରଶାନ୍ତ କୁମାର ଦଳାଇ ପ୍ରମୁଖ ଯୋଗଦେଇ ଶାନ୍ତି ଦିଦିଙ୍କ ଛାତ୍ର ବତ୍ସଳତାକୁ ପ୍ରଶଂସା କରିଥିଲେ।

## ଦିଗହରା ଯୋଜନା

# ଦେଉଳକଣରେ ପୋଖରୀ ଖୋଳା ନାଁରେ ଅର୍ଥ ହଡ଼ପ ଅଭିଯୋଗ

ଟମକା, ୪।୫(ସମିସ)



ଜିଲ୍ଲା ଜଳ ବିଭାଜିକା ବିଭାଗ ଅଧୀନରେ ଅନେକ ସ୍ଥାନରେ ହିତାଧିକାରୀ ପୋଖରୀ ନ ଖୋଳି ସମ୍ପୂର୍ଣ୍ଣ ବିଲ୍ ଉଠାଇ ଆତ୍ମସାତ କରିଥିବା ଅଭିଯୋଗ ହେଉଛି। ଦାନଗଦି ବ୍ଲକର ଦେଉଳକଣ ପଞ୍ଚାୟତର ଜଣେ ହିତାଧିକାରୀ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ଯୋଜନାରେ ୨୦୨୨-୨୩ ଆର୍ôଥକ ବର୍ଷରେ ପାଖାପାଖି ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂତନ କ୍ଷେତ ପୋଖରୀ ଖନନ ପାଇଁ ମଞ୍ଜୁର ହୋଇଛି। ଗତ ୧୦।୬।୨୩ରୁ କାର୍ଯ୍ୟ ଆରମ୍ଭ ହୋଇଥିବା ସୂଚନା ଫଳକରେ ଦର୍ଶାଯାଇଛି। ବାସ୍ତବ ପକ୍ଷେ ଉକ୍ତ ଫଳକ ପାଖରେ ଫୁଟେ ମଧ୍ୟ ଖୋଳାଯାଇନାହିଁ। ଚାଷଜମି ପଡ଼ିଆ ଥିବା ଦେଖାଯାଉଛି। ଜଳ ବିଭାଜିକା ବିଭାଗର ଅଧିକାରୀ ଅହେତୁକ ଅନୁକମ୍ପା ଦେଖାଇ ପ୍ରକୃତ କାର୍ଯ୍ୟର ତଦାରଖ ନ କରି ଅର୍ଥ ମଞ୍ଜୁର କରାଯିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସେହିପରି ଓସ୍ତପାଳ, ବାଙ୍ଗରକୋଟା, ଉଚ୍ଚବାଲି ସମେତ ବ୍ଲକର ଅନେକ ପଞ୍ଚାୟତରେ ପୋଖରୀ ଖୋଳା ନାମରେ ଦୁର୍ନୀତି ଅଭିଯୋଗ ଆସୁଛି। ଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ ଯଥାଶୀଘ୍ର ତଦନ୍ତ କରି ସରକାରୀ ବାଟମାରଣା କରିଥିବା ଅଧିକାରୀଙ୍କୁ ଲୋକଲୋଚନକୁ ଆଣି ଆଇନ୍ ଅନୁଯାୟୀ ଦଣ୍ଡିତ କରିବାକୁ ସାଧାରଣରେ ଦାବି ହେଉଛି।

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଠିକା କର୍ମଚାରୀ



ଯାଜପୁର, ୪।୫(ସମିସ)

କଳିଙ୍ଗନଗରସ୍ଥ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଠିକା କମ୍ପାନୀ ଜିଏମ ଏଣ୍ଟରପ୍ରାଇଜେର୍ସ ତା'ର ଠିକା କର୍ମଚାରୀଙ୍କୁ ବକେୟା ପ୍ରାପ୍ୟ ନ ଦେଇ କର୍ମଚାରୀଙ୍କୁ ଅନ୍ତର କରିଥିବା ଅଭିଯୋଗ ହୋଇଛି। ନିୟମ ମୁତାବକ ସମ୍ପୃକ୍ତ ଠିକା କମ୍ପାନୀ ପ୍ରଥମେ ଠିକା କର୍ମଚାରୀଙ୍କ ବକେୟା ପାଉଣା ଫୁଲ ଏଣ୍ଡ ଫାଇନାଲ କରିବା ପରେ ଶ୍ରମିକଙ୍କୁ କାର୍ଯ୍ୟରୁ ଅନ୍ତର କରିବା କଥା। କିନ୍ତୁ ଏହା ନ କରି ପାଖାପାଖି ୪୪ ଜଣ ଶ୍ରମିକଙ୍କ ଚାରି ମାସର ଦରମା ସହ ଫୁଲ ଆଣ୍ଡ ଫାଇନାଲ ବାକି ରଖିଛି। ଏଥିଯୋଗୁଁ ଶ୍ରମିକଙ୍କ ଲକ୍ଷ ଲକ୍ଷ ଟଙ୍କା ସମ୍ପୃକ୍ତ କମ୍ପାନୀ ଉପରେ ବକେୟା ରହିଛି। ଉକ୍ତ ବକେୟା ଅର୍ଥ ନ ଦେଇ ସମ୍ପୃକ୍ତ ଠିକା ସଂସ୍ଥା ହଡ଼ପ କରିବାକୁ ବସିଛି। ଏ ସମ୍ପର୍କରେ ଯାଜପୁର ଶ୍ରମ ବିଭାଗ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏହାର ପ୍ରତିବାଦ କରି ଆଜି ସିଭିଲ ସୋସାଇଟି ଫୋରମର ସମ୍ପାଦକ ତଥା ମାନବାଧିକାର କର୍ମୀ ବିଶ୍ୱନାଥ ପାତ୍ରଙ୍କ ନେତୃତ୍ୱରେ ଯାଜପୁର ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ଭେଟି ଏକ ପ୍ରତିନିଧି ଦଳ ଭେଟି ସମ୍ପୃକ୍ତ ଠିକା କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଶ୍ରମିକଙ୍କ ବକେୟା ପାଉଣା ପ୍ରଦାନ ପାଇଁ ଦାବି କରିଛନ୍ତି।

## ପ୍ରଶାସନ ସାଜିଛି ନିରବଦ୍ରଷ୍ଟା

# ଲଘୁ ଖଣିଜ ସମ୍ପଦ ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି

କୋରେଇ, ୪।୫(ସମିସ)



ଯାଜପୁର ଜିଲ୍ଲାରେ ଲଘୁ ଖଣିଜ ସମ୍ପଦ ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଅନାୟାସରେ ଲୁଟି ଚାଲିଛନ୍ତି ମାଟି, ମୋରମ, ବାଲି। ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି। ଏଭଳି ଘଟଣା ପରିଲକ୍ଷିତ ହେଉଛି ଯାଜପୁର ଜିଲ୍ଲା କୋରେଇ ଅଞ୍ଚଳରେ। ଏ ଅଞ୍ଚଳରେ ମାଟି, ମୋରମ, ପଥର, ଜମି, ଜଙ୍ଗଲ, ପାଉଁଶ, ଇଟା ମାଫିଆଙ୍କ ଉପଦ୍ରବ ଦେଖିବାକୁ ମିଳୁଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ସରକାରୀ, ଗୋଚର, ଅନାବାଦୀ, ଜଙ୍ଗଲ କିସମ, ଘରୋଇ ଆଦି ଜମି ମାଲିକଙ୍କୁ ହାତ କରି ସେମାନେ ବିନା ଅନୁମତିରେ ମାଟି, ମୋରମ, ବାଲି ଆଦି ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣ କରୁଛନ୍ତି। ଅଳ୍ପ କିଛି ଟଙ୍କା ଜରିମାନା ଆଦାୟ କରି ରାଜସ୍ୱ ବିଭାଗ ଚୁପ୍ ରହୁଛି। ଏହା ଜମି ପ୍ଲଟିଂ ହେଉ ଅବା ରାସ୍ତା କାମ ସବୁଥିରେ ଏହି ମାଟି, ମୋରମ, ବାଲି ବ୍ୟବହାର ହେଉଛି। ବେଳେ ବେଳେ ସରକାରଙ୍କ ବିକାଶମୂଳକ କାମ ହେଉଥିବା କହି ଛାଡ଼ି ଦିଆଯାଉଛି। ରେଳ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ବିଭାଗରେ ଚାଲିଥିବା ପ୍ରକଳ୍ପରେ ଏଭଳି ହେଉଥିବା ପରିଲକ୍ଷିତ ହେଉଛି। ବର୍ତ୍ତମାନ ପରିପ୍ରେକ୍ଷୀରେ କୋରେଇ ଅଞ୍ଚଳରେ ଅନେକ ରାସ୍ତା କାମ ଚାଲୁଛି। ଏଥିରେ ମାଟି, ମୋରମ ଓ ବାଲିର ଆବଶ୍ୟକତା ରହିଛି। ତେଣୁ ଠିକାଦାର ମନଇଚ୍ଛା ଶହ ଶହ ଟ୍ରିପ ମାଟି, ମୋରମ ଚୋରାରେ ପକାଉଥିବା ଅଭିଯୋଗ ହେଉଛି। ବଡ଼ ବଡ଼ ହାଇୱାରେ ରାତିରେ ରାସ୍ତାରେ ମାଟି ମୋରମ ପକାଯାଉଛି। ସକାଳ ହେବା ପୂର୍ବରୁ ମାଟି ସମାନ କରିଦିଆଯାଉଛି। ତେବେ ସବୁ ଜାଣି ପ୍ରଶାସନ ଚୁପ୍ କେମିତି ରହିଛି ତାହା ଆଶ୍ଚର୍ଯ୍ୟ କରୁଛି। ଅଭିଯୋଗ କଲେ ମଧ୍ୟ କିଛି ଫଳ ମିଳୁ ନ ଥିବା ସାଧାରଣରେ ଆଲୋଚନା ହେଉଛି। ନିୟମ ଅନୁସାରେ ମାଟିର ମୂଲ୍ୟ ଅନୁପାତରେ ଜରିମାନା ନିଆଯାଉନାହିଁ। ଫଳରେ ସରକାରଙ୍କ ରାଜସ୍ୱ ହାନି ହେଉଛି।

ବିକାଶ କାମକୁ ନେଇ ଠିକା ସଂସ୍ଥାକୁ ସରକାର ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଏହାର ଫାଇଦା ନେଇ ମାଟି, ମୋରମ, ବାଲି ଭଳି ପ୍ରାକୃତିକ ସମ୍ପଦ ଲୁଟ କରାଯାଉଛି। ଘରୋଇ ଜମିରୁ ମାଟି ଖନନ କରାଗଲେ ମଧ୍ୟ ସରକାରଙ୍କ ଅନୁମତି ନେବାର ନିୟମ ରହିଛି। ଜମି ମାଲିକ ଆବେଦନ କରିବା ପରେ ରାଜସ୍ୱ ବିଭାଗ ରିପୋର୍ଟ ପ୍ରସ୍ତୁତ କରିବେ। ଏହାପରେ ନିକଟସ୍ଥ ଅନ୍ୟ ଜମି ମାଲିକଙ୍କଠାରୁ ମଧ୍ୟ ସ୍ୱୀକୃତି ନିଆଯିବାର ବ୍ୟବସ୍ଥା ରହିଛି। ତେବେ ମାଟି ମାଫିଆ କେବଳ ଜମି ମାଲିକଙ୍କୁ ହାତ କରି ମାଟି ଖନନ କରୁଛନ୍ତି। ସମତଳ ଜମି ପୋଖରୀ ସଦୃଶ ହୋଇ ଯାଉଛି। ଫଳରେ ଜମି ମାଲିକ ଚାଷ ବେଳେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଳମ୍ବିତ ରାତିରେ କିଛି ସ୍ଥାନୀୟ ମାଫିଆ ଜେସିବି ଲଗାଇ ଟ୍ରାକ୍ଟର ଯୋଗେ ଶତାଧିକ ଟ୍ରିପ ମୋରମ୍ ଓ ମାଟି ଚୋରା ଚାଲାଣ କରୁଥିବା ସୂଚନା ମିଳିଛି। ଏହି ଚୋରା ମାଟି ମୋରମକୁ ଟ୍ରିପ୍ ପିଛା ୪ରୁ ୫ ହଜାର ଟଙ୍କାରେ ଠିକାଦାର କିଣି ରାସ୍ତା କାମରେ ଲଗାଉଥିବାବେଳେ ଜିଲ୍ଲା ବାହାରକୁ ମଧ୍ୟ ପଠାଯାଉଥିବା ସୂଚନା ମିଳିଛି। କେତେବେଳେ କେମିତି ଧରାପଡ଼ିଲେ ପ୍ରଶାସନ ପକ୍ଷରୁ କିଛି ଜରିମାନା ଆଦାୟ କରାଯାଇ ଛାଡି ଦିଆଯାଉଛି। ଯାହାକି ମାଫିଆଙ୍କ ଉପରେ କିଛି ବି ପ୍ରଭାବ ପଡୁନାହିଁ। ଏ ନେଇ ରାଜସ୍ୱ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ଏହି ମାଫିଆଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି।

## ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ବୈଠକ

# ମେ ୭ରେ ନାମାଙ୍କନ, ୧୫ରେ ଯାଞ୍ଚ ଓ ୧୭ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର

ଜଗତସିଂହପୁର, ୪।୫ (ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହଠାରେ ସାଧାରଣ ନିର୍ବାଚନ ୨୦୨୪ ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ତରଫରୁ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅନୁପମ ସାହା ସମସ୍ତ ରାଜନୈତିକ ଦଳର ପ୍ରତିନିଧି ମାନଙ୍କୁ ସ୍ୱାଗତ କରିଥିଲେ। ଆସନ୍ତା ୭.୫.୨୪ ତାରିଖ ଠାରୁ ୧୪.୫.୨୪ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପ୍ରକ୍ରିୟା

**■ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ**



ଜାରି ରହିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମେ ୧୫ ତାରିଖରେ ପ୍ରାର୍ଥୀପତ୍ର ଗୁଡ଼ିକ ଯାଞ୍ଚ କରାଯିବ। ସେହିପରି ମେ ୧୭ ତାରିଖରେ ପ୍ରାର୍ଥୀ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ୧୬- ଜଗତସିଂହପୁର ଲୋକସଭା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ୧୦୨- ତିର୍ତ୍ତୋଲ (ସଂ) ବିଧାନସଭା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ୧୦୩- ବାଲିକୁଦା- ଏରସମା ବିଧାନସଭା, ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ଙ୍କ ନିମନ୍ତେ ପ୍ରକୋଷ୍ଠରେ ୧୦୧- ପାରାଦୀପ ବିଧାନସଭା, ଏବଂ ଉପଜିଲ୍ଲାପାଳ କାର୍ଯ୍ୟାଳୟ ପ୍ରକୋଷ୍ଠରେ ୧୦୪- ଜଗତସିହପୁର ବିଧାନସଭା ମଣ୍ଡଳୀ ନିମନ୍ତେ ପ୍ରାର୍ଥିପତ୍ର ଦାଖଲର ବ୍ୟବସ୍ଥା କରାଯାଇଛି। ପ୍ରାର୍ଥୀମାନେ ମେ ମାସ ୭ ତାରିଖ ରୁ ନୋମିନେସନ ଫର୍ମ କିଣିପାରିବେ ଏବଂ ଦାଖଲ କରିପାରିବେ। ମେ ମାସ ୧୧ ଓ ୧୨ ତାରିଖ ଛୁଟି ଦିବସ ରହି ଥିବାରୁ ମାତ୍ର ୬ ଦିନ କାର୍ଯ୍ୟ ଦିବସରେ ନୋମିନେସନ ଦାଖଲ କରି ପାରିବେ। ଉକ୍ତ ଦିନ ମାନଙ୍କରେ ପୂର୍ବାହ୍ନ ୧୧ ଟା ଠାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ ହେବ। ପ୍ରବେଶପଥ ଓ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ପ୍ରାର୍ଥୀଙ୍କ ସହିତ ମୋଟ୍ ୫ ଜଣଙ୍କୁ ନୋମିନେସନ୍ କକ୍ଷକୁ ପ୍ରବେଶର ଅନୁମତି ରହିଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।ଏହି ବୈଠକରେ ଯୋଗ ଦେଇ ଏସ.ପି ରାହୁଲ ପି.ଆର କହିଲେ, ନିୟମ ଅନୁସାରେ ୧୦୦ ମିଟର ଭିତରେ ଗୋଟିଏ ଦଳର ୩ ଟି ଗାଡ଼ିକୁ ପ୍ରବେଶ କରିବାକୁ ଦିଆଯିବ। ଜନଗହଳି ସମ୍ଭାବନା ଥିବାରୁ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ସମସ୍ତ ପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ। ଏହି ବୈଠକରେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା ଜିଲ୍ଲାର ୮୫୪ଟି ସ୍ଥାନରେ ୧୦୫୧ଟି ବୁଥରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ପ୍ରକାଶ କରିଥିଲେ। ପ୍ରତ୍ୟେକ ବୁଥରେ ୨ଟି ଡୋର, ଶୌଚାଳୟ, ପାନୀୟଜଳ, ଭିନ୍ନକ୍ଷମଙ୍କ ନିମନ୍ତେ ହୁଇଲ ଚେୟାର ଓ ରାମ୍ପ ବ୍ୟବସ୍ଥା କରାଯାଇଛି।୬୦ ପ୍ରତିଶତ ବା ୬୨୮ଟି ବୁଥରେ ୱେବକ୍ୟାଷ୍ଟିଂ ଲାଇଭ ସ୍କ୍ରିନିଂ କରାଯିବ। ଏନ୍.ଏସ.ଏସ, ସ୍କାଉଟ, ଏନ୍.ସି.ସି ସ୍ୱେଚ୍ଛାସେବୀମାନେ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମ ଭୋଟରଙ୍କ ସହାୟତା କରିବେ। ଏତଦ୍ ବ୍ୟତୀତ ରୌଦ୍ର୍ୟତାପକୁ ଦୃଷ୍ଟିରେ ରଖି ପାନୀୟଜଳ ଓ ଘୋଳଦହିର ବ୍ୟବସ୍ଥା କରାଯାଇଛି। ପ୍ରାର୍ଥୀମାନେ ନୋମିନେସନ ଦିନକ ପୂର୍ବରୁ ନୂତନ ବ୍ୟାଙ୍କ୍ ଆକାଉଣ୍ଟ ଖୋଲିବେ। ପୋଷ୍ଟର ବ୍ୟାନର ଛପାଇବା ପାଇଁ ସୁବିଧା ଆପ୍ ମାଧ୍ୟମରେ ଆବେଦନ କରିପାରିବେ। ପ୍ରତ୍ୟେକ ବ୍ୟାନର୍, ପୋଷ୍ଟରରେ ପ୍ରିଣ୍ଟର୍ ଓ ପବ୍ଲିସରଙ୍କ ନାମ ଏବଂ କେତେ ସଂଖ୍ୟକ ଛପା ଯାଇଛି ତାର ସଂଖ୍ୟା ଉଲ୍ଲେଖ ରହିବ। ମେ ମାସ ୧୭ରୁ ୨୦ ତାରିଖ ମଧ୍ୟରେ ଭୋଟର୍ ତାଲିକା ପ୍ରାର୍ଥୀମାନଙ୍କୁ ପ୍ରଦାନ କରାଯିବ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମ୍ବିତ ରାଉତ, ଉପଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଡେପୁଟୀ କଲେକ୍ଟର ନିର୍ବାଚନ, ବିଜେଡି, ବିଜେପି, ବିଏସ୍‌ପି, ଆପ୍ ଦଳର ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

## କୋଠି ପଞ୍ଚାୟତରେ ବିଜେଡିରେ ମିଶିଲେ କଂଗ୍ରେସ ଓ ବିଜେପି କର୍ମୀ



ପାରାଦୀପ, ୪।୫ (ସମିସ): ପାରାଦୀପ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋଠି ଗ୍ରାମପଞ୍ଚାୟତର କୋଠି ଗ୍ରାମରେ ବିଜୁ ଜନତା ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଆଜି ଅନୁଷ୍ଠିତ ହୋଇଯାଇଛି।ଏହି ମିଶ୍ରଣ ପର୍ବରେ ଭାରତୀୟ ଜାତୀୟ କଂଗ୍ରେସ ଏବଂ ବିଜେପି ଦଳରୁ ଶତାଧିକ ପୁରୁଷ ଓ ମହିଳା କର୍ମୀ କର୍ଣ୍ଣରାଜ ସ୍ୱାଇଁଙ୍କ ନେତୃତ୍ୱରେ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି।ଏହି ମହାନ ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ ପାରାଦୀପ ନିର୍ବାଚନମଣ୍ଡଳୀର ବିଧାୟିକା ପ୍ରାର୍ଥିନୀ ଗୀତାଞ୍ଜଳି ରାଉତରାୟ ଓ ରାଜ୍ୟ ବିଜୁ ଶ୍ରମିକ ସାମୁଖ୍ୟର କାର୍ଯ୍ୟକାରୀ ସଭାପତି ମୋନିଦୀପା ସର୍ଖେଲ ଏବଂ ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘର ସଭାପତି ବାପି ସର୍ଖେଲ। ତତସହିତ ବିଭିନ୍ନ ଦଳରୁ ଯୋଗ ଦେଇଥିବା ସମସ୍ତ କର୍ମୀମାନଙ୍କୁ ଶ୍ରୀ ସର୍ଖେଲ କହିଛନ୍ତି ଏହାଦ୍ୱାରା ବିଜୁ ଜନତା ଦଳ ଆଗକୁ ଶକ୍ତିଶାଳୀ ହେବା ସହିତ ଏହାର ସାଙ୍ଗଠନିକ କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ହେବ।ଆଗାମୀ ନିର୍ବାଚନରେ କିଭଳି ବିଜେଡିର ରଣନୀତି ପ୍ରସ୍ତୁତ କରାଯିବ ଓ ବହୁତ ଭୋଟ ବ୍ୟବଧାନରେ ବିଧାୟିକା ପ୍ରାର୍ଥୀନୀ ଗୀତାଞ୍ଜଳି ରାଉତରାୟ ଓ ଲୋକସଭା ପ୍ରାର୍ଥୀନୀ ଡଃ ରାଜଶ୍ରୀ ମଲ୍ଲିକ ନିର୍ବାଚିତ ହେବେ ସେଥିପ୍ରତି କର୍ମୀଙ୍କ ସହିତ ଆଲୋଚନା କରିଥିଲେ। ନବୀନ ପଟ୍ଟନାୟକ କିଭଳି ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିବେ ସମସ୍ତଙ୍କ ଉଦ୍ୟମ ରହିବା ସହିତ ଯୋଡି ଶଙ୍ଖରେ ଭୋଟ ଦେବା ପାଇଁ ଓ ଲୋକମାନଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଜନ କଲ୍ୟାଣ କାର୍ଯ୍ୟ ଲୋକଙ୍କ ନିକଟରେ ପହଞ୍ଚାଇବା ନେଇ ଆଲୋଚନା କରିଥିଲେ।

## କୃଷ୍ଣାନନ୍ଦପୁର ଥାନା ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ



ଜଗତସିଂହପୁର, ୪।୫(ସମିସ ): ଆସନ୍ତା ନିର୍ବାଚନରେ ଶାନ୍ତି ଶୃଙ୍ଖଳା ତଥା ଭୟ ମୁକ୍ତ ବାତାବରଣ ସୃଷ୍ଟି କରିବାକୁ ଜିଲ୍ଲା ପୁଲିସ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ କରିବା ଦେଖିବାକୁ ମିଳିଛି।ଏକ୍ଷେତ୍ରରେ କୃଷ୍ଣାନନ୍ଦପୁର ଥାନାର ଭାରପ୍ରାପ୍ତ ଅଧିକାରୀ ଗୋପାଳକୃଷ୍ଣ ଜେନାଙ୍କ ତତ୍ତ୍ୱବଧାନରେ ତଥା ତିର୍ତ୍ତୋଲ ଏସଡିପିଓ ଚିନ୍ମୟ ରାଉତଙ୍କ ପରିଚାଳନାରେ ନିର୍ବାଚନୀ ଫ୍ଲାଗ ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି ! ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପୁଲିସ ସମେତ ତାମିଲନାଡୁ ବାଟାଲିଆନ ଫୋର୍ସ ପ୍ରାୟ ୧୫୦ ଜଣ ପୁରୁଷ ଓ ମହିଳା ପୁଲିସ ମିଳିତ ଭାବେ କୃଷ୍ଣାନନ୍ଦପୁର ମହାନଦୀ ବ୍ରିଜ ନିକଟରୁ ବସନ୍ତଛକ, ବ୍ୟାଙ୍କ ଛକ, ହସ୍ପିଟାଲ ଛକ, ସାଇଫନ ଛକ, ଇନ୍ଦ୍ରାଣୀ ଛକ, ଡଂଶର, ବିଷନପୁର ଶୁକନା ଛକ, ମଣପୁର ମଠ ଓ ବଣିଆଛକ ଦେଇ ଥାନା ପାଖରେ ପହଞ୍ଚିଥିଲେ। ଏଥିରେ ଜଗତସିଂହପୁର ପୁଲିସ ବିଭାଗର କିଛି ଅଧିକାରୀ ଯୋଗ ଦେଇଥିବାର ଦେଖିବାକୁ ମିଳିଥିଲା।ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ଆଗାମୀ ନିର୍ବାଚନ ପୂର୍ବରୁ ଏକ ଭୟମୁକ୍ତ ବାତାବରଣ ସୃଷ୍ଟି ତଥା ଆଇନ ଶୃଙ୍ଖଳା ରକ୍ଷା ପାଇଁ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିବା ସୂଚନା ମିଳିଛି।

## ଲୁଟ୍ ହେଉଛି ପାରାଦୀପ ଉପକୂଳର ଝାଉଁ ଜଙ୍ଗଲ

# ସମୁଦ୍ର ଗର୍ଭରେ ଲୀନ ହେବାକୁ ଯାଉଛି ପାରାଦୀପ

ପାରାଦୀପ, ୪।୫ (ସମିସ): ଉଜୁଡିବାକୁ ବସିଲାଣି ଉପକୂଳ ଅଞ୍ଚଳର ସୁରକ୍ଷା କବଚ ପାଲଟିଥିବା ବ୍ୟାପକ ବେଳାଭୂମି ଝାଉଁ ଜଙ୍ଗଲ।ଦିନରାତି କାଠମାଫିଆ ଜଙ୍ଗଲରୁ କାଠ ଲୁଟ କରୁଥିବା ବେଳେ ଜଙ୍ଗଲରୁ ବାଲି ଓ ପାଣି ଲୁଟ ଘଟଣା ମଧ୍ୟ ଘଟୁଥିବା ବେଳେ ଏଥିପ୍ରତି ବନବିଭାଗ ଓ ସ୍ଥାନୀୟ ପ୍ରଶାସନ ନିରବଦ୍ରଷ୍ଟା ପାଲଟିଛି। ଅନେକ ସମୟରେ ଜଙ୍ଗଲ ବିଭାଗର ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଗଲେ ମଧ୍ୟ ଖବର ଅଛି ଏଥିପ୍ରତି ପଦକ୍ଷେପ ନିଆଯିବ କହି ବନବିଭାଗ ଅଧିକାରୀ ଚୁପ ରହୁଛନ୍ତି। କିଛିଦିନ ହେବ ନିକଟରେ ସି ପ୍ରୋଟେକ୍ସନ ରୋଡ଼ ନିର୍ମାଣ ପାଇଁ ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ ଏହି କାର୍ଯ୍ୟ କରୁଥିବା କଣ୍ଟ୍ରାକ୍ଟର ଖୋଲାଖୋଲି ସିଆରଜେଡ ଉଲଂଘନ କରି ଦିନରାତି ମେସିନ ସହାୟତାରେ ଜଙ୍ଗଲରୁ ବାଲି ଖୋଳି ରାସ୍ତା ନିର୍ମାଣ କାର୍ଯ୍ୟରେ ଲଗାଉଛନ୍ତି। ଏ ନେଇ ତହସିଲଦାରଙ୍କୁ ପ୍ରଶ୍ନ କଲେ ହଁ ଏଥିପ୍ରତି ଖବର ଅଛି ଏହାର ତଦନ୍ତ ପରେ ଘଟଣା ସ୍ପଷ୍ଟ ହେବ କହୁଥିବା ବେଳେ ବନ ବିଭାଗ ପାଖରେ ଖବର ନ ଥିବା ନେଇ ଅଧିକାରୀ ପ୍ରକାଶ କରିଛନ୍ତି। ୧୯୯୯ ମହାବାତ୍ୟା ରେ ଧ୍ୱଂସ ବିଧ୍ୱଂସ ହୋଇଥିବା ଅଞ୍ଚଳକୁ ଅନେକ ମାତ୍ରାରେ ରକ୍ଷା କରିଥିବା ଏହି ବେଳାଭୂମି ଝାଉଁ ଜଙ୍ଗଲ ଆଜି ଲୋପ ପାଇବାକୁ ବସିଥିବା ବେଳେ ପ୍ରାକୃତିକ ସମ୍ପଦରେ ଭରା କଂସାରୀପାଟିଆ ଅଞ୍ଚଳ ତାର ଅସ୍ତିତ୍ୱ ହରାଇବାକୁ ବସିଛି। ସ୍ଥାନୀୟ ଅଞ୍ଚଳର କିଛି ଯୁବଗୋଷ୍ଠୀ ଏ ନେଇ ଆଗକୁ ଆସୁଥିବା ବେଳେ କିଛି ମୁଷ୍ଟିମେୟଙ୍କ ଭୟରେ ମୁହଁ ଖୋଲୁନଥିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବେଳ ଥାଉ ଥାଉ ସ୍ଥାନୀୟ ପ୍ରଶାସନ ହୁଅନ୍ତୁ କିମ୍ବା ବନ ବିଭାଗ ତରଫରୁ ଜଙ୍ଗଲରୁ କାଠ, ବାଲି, ପାଣି ଲୁଟକୁ ଯଦି ରୋକାନଯାଏ ତେବେ ଆଗାମୀ ଦିନରେ ଏହାର ପରିଣାମ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଭୋଗିବାକୁ ପଡ଼ିବ। ବିଗତ ବର୍ଷରେ ପାରାଦୀପ ରିଫାଇନେରୀ ନିର୍ମାଣ ପାଇଁ ହୋଇଥିବା ଡ୍ରେଜିଂ କାରଣରୁ ସମୁଦ୍ର ଗର୍ଭରେ ବିରାଟ ବିରାଟ ବାଲି ଟିକିରା ଧସିଯିବା ସହିତ ପ୍ରାୟ ଅଧକିଲୋମିଟର ମାଡି ଆସିଛି ସମୁଦ୍ର।ନାସା ତରଫରୁ ହୋଇଥିବା ଭବିଷ୍ୟବାଣୀ ଅନୁଯାୟୀ ୨୦୫୦ ବେଳକୁ ଭାରତବର୍ଷର ଏକାଧିକ ଉପକୂଳବର୍ତ୍ତୀ ସହର ଜଳରେ ଲୀନ ହେବାଭଳି ଭବିଷ୍ୟବାଣୀ କରିଛି। ଏଥିରେ ପାରାଦୀପ ସ୍ଥାନ ପାଇଛି। ଯାହାର କାରଣ ଜଳବାୟୁ ପରିବର୍ତ୍ତନ ବୋଲି ଉଲ୍ଲେଖ କରାଯାଇଥିବା ବେଳେ ଏଥିପ୍ରତି ବ୍ୟାପକ ବୃକ୍ଷ ରୋପଣ କରାଯିବା ନେଇ ବିଶ୍ୱ ଜଳବାୟୁ ନିର୍ଦ୍ଦେଶାଳୟ ଘୋଷଣା କରିଥିଲେ ମଧ୍ୟ ପାରାଦୀପ ରେ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳୁଛି।କଂସାରୀପାଟିଆ ଜଙ୍ଗଲର ୮୦ ପ୍ରତିଶତ ଝାଉଁ ଗଛ ଉଜୁଡି ଯାଇଥିବା ବେଳେ ଜଙ୍ଗଲ ମଧ୍ୟରୁ ବାଲି ଖୋଳି ବିରାଟ ବିରାଟ କୃତ୍ରିମ ପୋଖରୀ ସୃଷ୍ଟି ହୋଇଛି।ଆଗାମୀ ଦିନରେ ନିକଟରେ ରହିଥିବା ତୈଳ ବିଶୋଧନାଗାର ପ୍ରକଳ୍ପ ହେଉ କିମ୍ବା ନିର୍ମାଣ ହେବାକୁ ଥିବା ଯେଏସଡବ୍ଲୁ ପ୍ରକଳ୍ପ ଏହାର ପରିଣାମ ଭୋଗିବା ସହିତ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଏହା ଭାରି ପଡ଼ିବ ବୋଲି କିଛି ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି।

**● ଦୀପାଞ୍ଚଳରେ ଆତଙ୍କ ଖେଳାଇଲେ ଅସାମାଜିକ ଯୁବକ**

## ଦାଦାବଟି ନ ଦେବାରୁ ଯୁବକଙ୍କୁ ଉଠାଇନେଲେ



ରଘୁନାଥପୁର, ୪।୫(ସମିସ): କଟକ ଜିଲ୍ଲା କିଶନନଗର ଥାନା ଅନ୍ତର୍ଗତ ଉତ୍ତରକୂଳ ବାପୁଜୀ ସ୍ମାରକୀ ଉଚ୍ଚ ବିଦ୍ୟାଳୟ ନିକଟରେ କଟକ ମହାନଦୀ ବ୍ୟାରେଜ ଡିଭିଜନ ପକ୍ଷରୁ ଚିତ୍ତୋତ୍ପଳା ନଦୀ ବନ୍ଧ ପାର୍ଶ୍ୱ ଓ କେନାଲ ବନ୍ଧ ପାର୍ଶ୍ୱରେ ଚାଲିଥିବା ୩କୋଟି ୧୮ ଲକ୍ଷ ବ୍ୟୟ ବରାଦରେ ଚାଲିଥିବା ଡଲେଇ ଗାର୍ଡୱାଲ ନିକଟରେ ଦାଦାବଟିକୁ ନେଇ ଦ୍ୱୀପାଞ୍ଚଳରେ ଆତଙ୍କ ଖେଳାଇଛନ୍ତି ଅସାମାଜିକ ଯୁବକ। ଆଜି ଦିନ ୧୦ଟା ସମୟରେ କାର୍ଯ୍ୟ ଚାଲୁଥିବା ବେଳେ ମଟରସାଇକଲରେ ଆସିଥିବା ୧୦ରୁ ଅଧିକ ଅସାମାଜିକ ଯୁବକ ଘଟଣାସ୍ଥଳରେ



**ଛୁରି ଭୂଷି, ଲୁହାରଡ୍‌ରେ ମାଡ଼ମାରି କଲେ ଗୁରୁତର**

ପହଞ୍ଚି ଆମ ଦାଦାବଟି ନଦେଇ ଏଠାରେ କାହିଁକି କାର୍ଯ୍ୟ ଆରମ୍ଭକଲ ଆମକୁ ୧୦ଲକ୍ଷ ଟଙ୍କା ନଦେଲେ ବର୍ତ୍ତମାନ କାର୍ଯ୍ୟ ବନ୍ଦ କର। ଟଙ୍କା ଦେଲେ କାର୍ଯ୍ୟ ଆରମ୍ଭ ହେବ ବୋଲି ଠିକାଦାର ସୁପରଭାଇଜର ଠିକା ସଂସ୍ଥା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଧମକ ଦେଇଥିଲେ। ଟଙ୍କା ନଦେବାରୁ ଘଟଣା ସ୍ଥଳରେ ପଡ଼ିଥିବା ଲୁହା ରଡ ଓ ପାଖରେ ଥିବା ଛୁରୀରେ ଦୁଇ ଯୁବକକୁ ମାଡମାରି ଲହୁଲୁହାଣ କରିଥିବା ବେଳେ ଘଟଣା ସ୍ଥଳରୁ ଅନ୍ୟଏକ ଯୁବକକୁ ଉଠାଇ ନେଇ ବାଟରେ ମାଡମାରି ଫୋପାଡି ଦେଇ ପଳାଇ ଯାଇଥିଲେ।। ଅନ୍ୟ କର୍ମଚାରୀଙ୍କ ଦ୍ୱାରା ସ୍ଥାନୀୟ ଲୋକ ଖବର ପାଇ ୩ ଯୁବକଙ୍କୁ ଉଦ୍ଧାର କରି ୧୦୮ଆମ୍ବୁଲାନ୍ସ ଯୋଗେ ରଘୁନାଥପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତିର୍ତ୍ତୋଲ ଥାନା ରାହାମା ଅଞ୍ଚଳର ସୂର୍ଯ୍ୟକାନ୍ତ ଦାସ (୫୨), ନେମାଳ ନାଥା ଅଞ୍ଚଳର ବିଲପାଳଦା ଗ୍ରାମର ତ୍ରିଲୋଚନ ଦାସ (୫୫), କଟକର ସମିର କୁମାର ଦାସ (୪୨) ୩ଜଣ ଯୁବକକୁ କଟକ ମେଡିକାଲକୁ ସ୍ଥାନାନ୍ତରିତ କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ କଟକ ଗ୍ରାମାଞ୍ଚଳ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କୃଷ୍ଣପ୍ରସାଦ ପଟ୍ଟନାୟକ, କିଶନନଗର ଥାନା ଅଧିକାରୀ ରଶ୍ମୀରଞ୍ଜନ ଦାସ ଉତ୍ତରକୂଳ କାର୍ଯ୍ୟସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛନ୍ତି। ଘଟଣାର ଦାୟିତ୍ୱରେ ଥିବା ବ୍ୟାରେଜ ଡିଭିଜନର ସହକାରୀ ଉପନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ମେଡିକାଲରେ ପହଞ୍ଚି ଆହତ ଯୁବକଙ୍କୁ ଭେଟିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏଭଳି ଘଟଣାକୁ ନେଇ ଦ୍ୱୀପାଞ୍ଚଳରେ ଆତଙ୍କ ଖେଳିଯାଇଛି। ଆହତ ୩ ଯୁବକ ଚିକିତ୍ସିତ ହେଉଥିବା ମେଡିକାଲରେ କିଶନନଗର ପୁଲିସ ପହଞ୍ଚି ସେମାନଙ୍କୁ ପଚରାଉଚରା ଆରମ୍ଭ କରିଛି।

## ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଆଲୋଚନା

ବାଲିକୁଦା, ୪।୫(ସମିସ): ବାଲିକୁଦା ବ୍ଲକ ଆମ୍ବଶାଳ ପଞ୍ଚାୟତ ଠାରେ ବ୍ଲକବାସୀଙ୍କୁ ମଧୁର ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ବସୁଧା ଯୋଜନାରେ ପ୍ରାୟ ୧୩୦ କୋଟିରୁ ଅଧିକ ଅନୁଦାନରେ ମେଘା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି।ତେବେ ଗ୍ରାମାଞ୍ଚଳର ସମସ୍ତ ସ୍ଥାନରେ ପାନୀୟ ଜଳ ଯୋଗାଇ ବାରେ ବିଫଳ ହୋଇଛି। କାର୍ଯ୍ୟ ଦାୟିତ୍ୱରେ ସମସ୍ୟା ଉତ୍କଟ। ଭୂତଳ ଜଳ ଲୁଣିଆ ଓ ଆଇରନ ହୋଇଥିବା କାରଣରୁ ଏହା ପାନୀୟ ଉପଯୋଗୀ ନୁହେଁ। ବର୍ତ୍ତମାନ ବସୁଧା ଯୋଜନାରେ ଅଧାରୁ ଅଧିକ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇପ ଥାଇ ସୁଦ୍ଧା ହୋଇ ପାରୁ ନଥିବାରୁ ଗ୍ରୀଷ୍ମଋତୁରେ ପାନୀୟ ଜଳ ଅଭାବ ସ୍ଥାନୀୟ ଜନସାଧାରଙ୍କ ଅସନ୍ତୋଷର କାରଣ ପାଲଟିଛି।ଯଦି ଏକ ସପ୍ତାହ ମଧ୍ୟରେ ସ୍ଥାୟୀ ସମାଧାନ ନହୁଏ କରିଥିଲେ। ଏହି ୮ ପଞ୍ଚାୟତର ୪୨ ଗ୍ରାମକୁ ପାଇପ ବିଛା ଯାଇଥିବା ବେଳେ ପାଣି ଆସୁ ନଥିବା ଲୋକେ ଅଭିଯୋଗ କରିଥିଲେ।କିଛି ଗ୍ରାମକୁ ଆସନ୍ତା ୧୫ ତାରିଖ ମଧ୍ୟରେ ପାଣି ପ୍ରଦାନ ସମେତ ଅନ୍ୟ ସମସ୍ତ ସ୍ଥାନରେ ଜୁନ ଶେଷ ସୁଦ୍ଧା ପାନୀୟ ଜଳ ଯୋଗାଇ ଦେବାକୁ ପ୍ରତିଶୃତି ଦେଇଥିଲେ।ଏପରିକି ମେ ମାସ ତୃତୀୟ ସପ୍ତାହ ମଧ୍ୟରେ ପୁଣି ଜନସାଧାରଣଙ୍କ ସହ ଏକ ଆଲୋଚନା



ଥିବା ଏଲ ଆଣ୍ଡ ଟି କମ୍ପାନୀ।ଯୋଜନାର ସଫଳ ରୂପାୟନ ପରିବର୍ତ୍ତେ ଏହା ଦିଗହରା ହେଉଥିବା ଅଭିଯୋଗ ଆଣିଥିଲେ ଉପକୂଳ ଅଞ୍ଚଳର ଲୋକେ।ଏହି ସମସ୍ୟାର ସ୍ଥାୟୀ ସମାଧାନ ନହେଲେ ଆନ୍ଦୋଳନର ଚେତାବନୀ ଦେବା ସହ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ ମାଳ ମରିଚପୁର ଉନ୍ନୟନ ପରିଷଦ। ଅଭିଯୋଗ ଅନୁଯାୟୀ ମାଳ ମରିଚପୁର ଅଞ୍ଚଳ ଭାବେ ପରିଚିତ ବାଲିକୁଦା ବ୍ଲକର ୮ ପଞ୍ଚାୟତ ଓଷକଣା, ଅପଣ୍ଡରା, ଅନନ୍ତପୁର, କୁସୁପୁର, ବରମୁଣ୍ଡଳୀ, ନହରଣା, ମରିଚପୁର, ଖାଲଗାଁ ଆଦି ପଞ୍ଚାୟତର ପାନୀୟ ଜଳ ତେବେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଥିଲା ଅନୁଷ୍ଠାନ।ଅଭିଯୋଗ ପାଇବା ପରେ ଅଧିକ୍ଷଣ ଯନ୍ତ୍ରୀ କିଶୋର କୁମାର କବି ଏହି ସମସ୍ୟାର ସମାଧାନ ପାଇଁ ତୁରନ୍ତ ଏସଡିଓଙ୍କୁ ଘଟଣାସ୍ଥଳକୁ ଯାଇ ସ୍ଥାନୀୟ ଲୋକଙ୍କ ସହ ଜନଶୁଣାଣି ଶିବିର ମାଧ୍ୟମରେ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।ଆଜି ବରମୁଣ୍ଡଳୀ ପଞ୍ଚାୟତ ଦଶବାଟିଆ ଦୁର୍ଗା ପଡ଼ିଆଠାରେ ଏସଡିଓ ତପନ କୁମାର ରାଉତ, ଯନ୍ତ୍ରୀ ଭରତ ଭୂଷଣ ଲେଙ୍କା, ଏଲ ଆଣ୍ଡ ଟି ଦାୟିତ୍ୱରେ ଥିବା ଯନ୍ତ୍ରୀ ନାରାୟଣ ସାମନ୍ତରାୟଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ରହି ସ୍ଥାନୀୟ ଜନସାଧରଣଙ୍କ ସହ ଆଲୋଚନା କରାଯାଇ ଦିଆଯାଇଥିବା ପ୍ରତିଶ୍ରୁତି ମୁତାବକ କାର୍ଯ୍ୟ ହୋଇଛି କି ନାହିଁ ତାହାର ତର୍ଜମା କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ମାଳ ମରିଚପୁର ଉନ୍ନୟନ ପରିଷଦ ସଭାପତି ସୁବାସ ନାୟକ, ସମ୍ପାଦକ ସତ୍ୟବ୍ରତ ବିଶ୍ୱାଳ, ଉପ ସଭାପତି ତପନ କୁମାର ନାୟକ, ସହ ସମ୍ପାଦକ ସନ୍ତୋଷ କୁମାର ବିଶ୍ୱାଳ, ଗଙ୍ଗାଧର ନାୟକ, ଭଗବାନ ମହାନ୍ତି, ସଞ୍ଜୟ ସ୍ୱାଇଁ, ନିର୍ମଳ ମହାନ୍ତି, ସୁଦାମ ସ୍ୱାଇଁ, ଧ୍ରୁବ ଓଝା, ସମିତି ସଭ୍ୟା ରୀନାବାଳା ପରିଡ଼ା, ପୂର୍ଣ୍ଣ ବେହେରା, ପ୍ରସନ୍ନ ଶତପଥୀ, କୈଳାଶ ବିଶ୍ୱାଳ, ନିହାର ଲେଙ୍କାଙ୍କ ସମେତ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଓ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ମଲ୍ଲୀକଣରେ ଶ୍ରୀଶ୍ରୀ ମହାବୀରଙ୍କ ଯଜ୍ଞ ମହୋତ୍ସବ

ଏରସମା, ୪।୫(ସମିସ): ଏରସମା ବ୍ଲକ ଅନ୍ତର୍ଗତ ସୋମପୁର ପଞ୍ଚାୟତ ଅନ୍ତର୍ଗତ ମଲ୍ଲୀକଣ ଗ୍ରାମରେ ଶ୍ରୀଶ୍ରୀ ମହାବୀରଙ୍କ ୧୨ତମ ବାର୍ଷିକ ଯଜ୍ଞ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆଜି ଅପରାହ୍ନରେ କଳସ ଯାତ୍ରା, ଶୁଭାଧିବାସ, ଅଙ୍କୁରାରୋପଣ, ସୂର୍ଯ୍ୟପୂଜା ଅନୁଷ୍ଠିତ ହୋଇଛି।ସନ୍ଧ୍ୟାରେ ହନୁମାନ ଚାଳିଶା ଓ ହନୁମାନ ପାରାୟଣ ଅନୁଷ୍ଠିତ ହୋଇଥିଲା।



ଆସନ୍ତା କାଲି ଏହି ଯଜ୍ଞର ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।ଏହି କାର୍ଯ୍ୟକ୍ରମରେ ଯଜ୍ଞକର୍ତ୍ତା ଭାବରେ ବିଦ୍ୟାଧର ସ୍ୱାଇଁ ଓ ଲକ୍ଷ୍ମୀପ୍ରିୟା ସ୍ୱାଇଁ କାର୍ଯ୍ୟନିର୍ବାହ କରିଥିବାବେଳେ ବୈଦିକ ପଣ୍ଡିତ ହୃଦାନନ୍ଦ ପଣ୍ଡାଙ୍କ ସହିତ ଅନ୍ୟ ପଣ୍ଡିତମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।ଏହି କାର୍ଯ୍ୟକ୍ରମରେ ଅଜୟ କୁମାର ସାହୁ, ଶ୍ରୀଧର ଜେନା, ଦିଲ୍ଲୀପ ହାତୀ, ନିମାଇଁ ବାରିକ, ଦେବେନ୍ଦ୍ର ହାତୀ, ତପନ ବାରିକ, ସନ୍ତୋଷ ହାତୀ, ଗଙ୍ଗାଧର ସ୍ୱାଇଁ, ବଂଶୀଧର ସାହୁ ପ୍ରମୁଖଙ୍କ ସହିତ ମଲ୍ଲୀକଣ ଗ୍ରାମର ସମସ୍ତ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ।

## ପାରାଦୀପ ନିର୍ବାଚନମଣ୍ଡଳୀରେ ବିଜେଡିର ମିଶ୍ରଣ ପର୍ବ

# ଆମ୍ବେରୀ ପଞ୍ଚାୟତର ୫୦ରୁ ଅଧିକ କଂଗ୍ରେସ କର୍ମୀ ବିଜେଡିରେ ସାମିଲ

ତିର୍ତ୍ତୋଲ, ୪।୫(ସମିସ): ପାରାଦୀପ ନିର୍ବାଚନମଣ୍ଡଳୀ ଅଧିନ ତିର୍ତ୍ତୋଲ ବ୍ଲକ ଆମ୍ବେରୀ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ପୁରୁଖା କଂଗ୍ରେସ କର୍ମ୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏବଂ ବିଧାୟକ ସମ୍ବିତ ରାଉତରାୟ ଓ ବିଧାୟକ ପ୍ରାର୍ଥୀ ଗୀତାଞ୍ଜଳି ରାଉତରାୟଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଆଜି ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ଏହି ଉପଲକ୍ଷେ ତିର୍ତ୍ତୋଲସ୍ଥିତ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦାମୋଦର ରାଉତଙ୍କ ବାସଭବନରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଆମ୍ବେରୀ ପଞ୍ଚାୟତର କଂଗ୍ରେସର ବରିଷ୍ଠ କର୍ମକର୍ତ୍ତା ଦେବେନ୍ଦ୍ର ନାଥ ମହାନ୍ତି, ସୁରେନ୍ଦ୍ର ମୋହନ ମହାନ୍ତି, ଅଜିତ ମହାନ୍ତି, ପୂର୍ବତନ ୱାର୍ଡ ସଭ୍ୟ ଦିଲୀପ ସେଠୀ, ଧନେଶ୍ୱର ମହାନ୍ତି, ଚନ୍ଦନ ମନ୍ତ୍ରୀ, ପବିତ୍ର ମଲ୍ଲିକ, ପ୍ରତାପ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ପ୍ରକାଶ ମଲ୍ଲିକ, ଗୋଲେଖ ମଲ୍ଲିକ, ସନ୍ତୋଷ ମହାନ୍ତି, ସୌରଭ ମହାପାତ୍ର, ଅସିତ ମଲ୍ଲିକ, ରାଜେଶ ଜେନା, ଜ୍ୟୋତିକାନ୍ତ ଦାସଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ବିଧାୟକ ସମ୍ବିତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ଯୁବ ନେତା ସୂର୍ଯ୍ୟନାରାୟଣ ବେହେରା, ପୂର୍ବତନ ଜିଲା ପରିଷଦ ସନ୍ତୋଷ ମଲ୍ଲିକ, ଯୁବ ନେତା ବିକ୍ରମ କିଶୋର ମହାନ୍ତି, ପଞ୍ଚାୟତ ବିଜେଡି ସଭାପତି ପ୍ରଫୁଲ୍ଲ ଦାସ, ଆମ୍ବେରୀ ସରପଞ୍ଚ ରୀନାବାଳା ମଲ୍ଲିକ, ପୂର୍ବତନ ସରପଞ୍ଚ ଅଭୟ ସାହୁ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ। ବିଧାୟକ ଶ୍ରୀ ରାଉତରାୟ ତାଙ୍କ ବକ୍ତବ୍ୟରେ ଏହାଦ୍ୱାରା ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ତଥା ଆମ୍ବେରୀ ପଞ୍ଚାୟତରେ ବିଜେଡି ଆହୁରି ଶକ୍ତିଶାଳି ହେବ ବୋଲି ପ୍ରକାଶ କରିଥିଲେ।



